## ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦ

କଟକ ସଦର,(ଡି.ଏନ୍.ଏ.): ବିଦ୍ୟୁତ୍ ଦର ବୃଦ୍ଧି ଓ ଲୋ-ଭୋଲ୍ଟେଜ୍ ସମସ୍ୟା ନେଇ କଟକ ସଦର ବ୍ଲକ ୫ନଂ. ଜୋନ୍ ଭାଜପା ପକ୍ଷରୁ ମଙ୍ଗଳବାର କନ୍ଦରପୁର ବିଦ୍ୟୁତ୍ ସେକ୍ସନ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। କନ୍ଦରପୁର ବଜାରରୁ ପ୍ଲାକାର୍ଡ ଓ ଲଣ୍ଠନ ଧରି କର୍ମୀମାନେ ଶୋଭାଯାତ୍ରାରେ ବିଦ୍ୟୁତ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ମଣ୍ଡଳ ସଭାପତି ଅଭୟ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। କଟକ ଜିଲା ଉପସଭାପତି ଗୋକୁଳ ପ୍ରଧାନ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା ପ୍ରମୁଖ ବକେୟା ବିଲ୍ ଛାଡ଼ ଓ ୫୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଦାବି କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଟାଟା ପାୱାର ପରିଚାଳକ ତୁଳସୀ ଦାସଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

**ସଂକ୍ଷେପରେ**

## ଟ୍ୟାଙ୍କର ଧକ୍କାରେ ଯୁବକଙ୍କ ମୃତ୍ୟୁ

ସାଲେପୁର,୨୦।୭(ଡି. ଏନ.ଏ): ସାଲେପୁର ଥାନା ଅଧୀନ କଟକ ଚାନ୍ଦବାଲି ରାସ୍ତାର ମାଛୁଆଡି ଛକ ନିକଟରେ ଏକ ଟ୍ୟାଙ୍କର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଚନ୍ଦ୍ରଦେଇପୁର ଗ୍ରାମର ପ୍ରଦ୍ୟୁମ୍ନ କୁମାର୍ ସାହୁ (୨୨)। ସେ ରାତି ପ୍ରାୟ ୮ଟା ବେଳେ କଟକ ଚାନ୍ଦବାଲି ରାସ୍ତାର ମାଛୁଆଡି ଛକ ନିକଟରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଦ୍ୟୁମ୍ନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଦ୍ୟୁମ୍ନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ୪ ବାଲି ବୋଝେଇ ହାଇୱା ଜବତ

ବାରଙ୍ଗ,୨୦।୭(ଡି.ଏନ୍.ଏ.): ବାରଙ୍ଗ ତହସିଲ ସୋମବାର ରାତିରେ ୪ଟି ବାଲି ବୋଝେଇ ହାଇୱାକୁ ଜବତ କରିଛି। ସେମାନଙ୍କଠାରୁ ୧ଲକ୍ଷ୨୫ହଜାରରେ ଟଙ୍କାର ଜରିମାନା ଆଦାୟ କରିଛି। ବେଆଇନ ଭାବେ ବାଲି ନେଇ ଆସୁଥିବାବେଳେ ତହସିଲ କର୍ମଚାରୀମାନେ ତ୍ରିଶୂଳିଆ ଛକରେ ରୋକିଥିଲେ। ଗାଡିଚାଳକ ୱାଇଫର୍ମ ନ ଦେଖାଇ ପାରିବାରୁ ଗାଡିଗୁଡିକ ତହସିଲ କର୍ମଚାରୀମାନେ ଜବତ କରିଥିଲେ। ତେବେ ବେଆଇନ ଭାବେ ବାଲି, ମୋରମ, ପଥର ଭଳି ଲଘୁଖଣିଜ ଦ୍ରବ୍ୟ ଚୋରାଚାଲାଣ ପାଇଁ ମାଫିଆମାନେ ବାରଙ୍ଗ ରାସ୍ତାକୁ ମୁଖ୍ୟ ମାଧମ କରିଥିବାର ଅଭିଯୋଗ ହୋଇ ଆସିଛି।

## ଯୁବତୀଙ୍କୁ ଅସଦାଚରଣ, ଜଣେ ଗିରଫ

ବାଲିଅନ୍ତା,୨୦।୭(ଡି.ଏନ୍.ଏ.): ଜଣେ ଯୁବତୀଙ୍କୁ ଚାକିରି କରିବା ପାଇଁ ଡାକି ଅସଦାଚରଣ କରିବା ଅଭିଯୋଗରେ ପାହାଳ ଫାଣ୍ଡି ପୋଲିସ ଏକ ଘରୋଇ ସଂସ୍ଥାର ମ୍ୟାନେଜିଂ ଟ୍ରଷ୍ଟିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବିବେକାନନ୍ଦ ପଣ୍ଡା। ପୋଲିସ ସୂଚନା ଅନୁଯାୟୀ, ନଖରା ଅଞ୍ଚଳରେ ଏକ ଭଡ଼ାଘର ନେଇ ବିବେକାନନ୍ଦ ଏକ ଘରୋଇ ସଂସ୍ଥା ଖୋଲିଥିଲେ। ଏହି ସଂସ୍ଥାରେ ଚାକିରି କରାଇ ଦେବା ପାଇଁ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ସେ ଡାକିଥିଲେ। ଯୁବତୀ ଜଣକ ତାଙ୍କ ଭାଇ ସହ ଆସିଥିବାବେଳେ ଇଣ୍ଟରଭ୍ୟୁ ପାଇଁ ନିଜ ପ୍ରକୋଷ୍ଠକୁ ଡାକିଥିଲେ। ବିବେକାନନ୍ଦ ସେଠାରେ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଯୁବତୀ ବାଲିଅନ୍ତା ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା(ନଂ.୨୧୨/୨୧) ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି।

## 'ବାହୁଡ଼ାରେ ଫେରିଯା କରୋନା' କାର୍ଯ୍ୟକ୍ରମ



ପୁରୁଣା ଭୁବନେଶ୍ୱର,୨୦।୭(ଡି.ଏନ୍.ଏ.): ଅଲ ଓମେନ୍ସ ଆଡଭୋକେଟ ଫୋରମ, ଲୟର୍ସ ଭିଜନ ନୂଆଦିଲ୍ଲୀ ଏବଂ ଅଖିଳ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଞ୍ଚ ମିଳିତ ଆନୁକୂଲ୍ୟରେ 'ବାହୁଡାରେ ଫେରିଯା କରୋନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୋରମର ଅଧକ୍ଷା ହରପ୍ରିୟା ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟଙ୍କପାଣି ରୋଡ଼ ସାଇ ମନ୍ଦିର ଛକ ନିକଟରେ ଔଷଧୀୟ ଚାରାରୋପଣ କରାଯାଇଥିଲା। ଏଥିସହ କରୋନା ଯୋଦ୍ଧା ସାମ୍ବାଦିକ ଓ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି ଜିଆଉଲ ହକ, ଆଇନଜୀବୀ ଅକ୍ଷୟ କୁମାର ସାମନ୍ତରାୟ, ବିଭୁ ପ୍ରସାଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ଆଇନଜୀବୀ ସଂଘର ପୂର୍ବତନ ସହ ସମ୍ପାଦକ ଅମୂଲ୍ୟ ମହାନ୍ତି, ଅଭିଜିତ ମିଶ୍ର, ଗଙ୍ଗାଧର ବେହେରାଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ।

# ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ, ଉତ୍ତେଜନା

- ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ
- ଗାଳିଗୁଲଜ କଲେ ଥାନା କର୍ମଚାରୀ

ନିଶ୍ଚିନ୍ତକୋଇଲି,୨୦।୭(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବୃଦ୍ଧାଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡା ଜିଲା ଡେରାବିଶ ଥାନା ମୁଣ୍ଡିଲୋ ଗ୍ରାମର ହେମଲତା ରାଉତ(୬୦)। ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ କରି ହୋ ହଲ୍ଲା କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଡାକ୍ତରଖାନା ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ହେମଲତାଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ଔଷଧ ଓ ଇଞ୍ଜେକ୍ସନ୍ ଦେଇଥିଲେ। ଏହାର କିଛି ସମୟ ପରେ ଘଟଣାସ୍ଥଳରେ ହେମଲତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକେ ସମ୍ପୃକ୍ତ ଡାକ୍ତରଙ୍କୁ ଦାୟୀ କରି ପାଟିତୁଣ୍ଡ କରିଥିଲେ। ଏହି ସମୟରେ ନିଶ୍ଚିନ୍ତକୋଇଲି ଥାନାର କେତେଜଣ କର୍ମଚାରୀ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣ୍ଡୋଗୋଳ କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ନିୟନ୍ତ୍ରଣ କରିଥିଲେ। ଏହି ଘଟଣା ପରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନେ ଭୟଭୀତ ହୋଇ ପଡ଼ିଛନ୍ତି।




କଟକ ବକ୍ସିବଜାର ଅମରେଶ୍ୱର ମନ୍ଦିର ନିକଟରେ ଖୋଲାଯାଇଥିବା ମଦ ଦୋକାନ ବନ୍ଦ କରିବା ଦାବି ନେଇ ମଙ୍ଗଳବାର ୱାର୍ଡ କଂଗ୍ରେସ ପକ୍ଷରୁ ବିକ୍ଷୋଭ।

## ଚାକିରି ଦେବା ଆଳରେ ୬୦ ଲକ୍ଷ ଠକେଇ

**ସଂସ୍ଥା ମାଲିକ ନାଁରେ ମାମଲା**

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ବିଭିନ୍ନ ସଂସ୍ଥାରେ ଚାକିରି ଦେବା ଆଳରେ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ନେଇ ଓଁକାର ବିଜନେସ୍ ଗ୍ରୁପ ଏଣ୍ଡ ଈଶାନା ପ୍ରାଇଭେଟ୍ ଲିମିଟେଡ୍ ନାମରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଠକେଇର ଶିକାର ବହୁ ଯୁବତୀଯୁବକଙ୍କ ଅଭିଯୋଗ ଆଧାରରେ ସଂସ୍ଥାର ମାଲିକ ବଲାଙ୍ଗୀର ଜିଲା ଟିଟିଲାଗଡ ଥାନାଞ୍ଚଳର ଅନିଲ ସାହୁଙ୍କ ନାମରେ ମାମଲା (ନଂ-୨୦୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଅନିଲ ରସୁଲଗଡରେ ୨ ବର୍ଷ ହେବା ଏକ ନିଯୁକ୍ତି ଏଜେନ୍ସି ଖୋଲିଥିଲେ। ଗଣମାଧ୍ୟମରେ ବିଜ୍ଞାପନ ଦେଇ ଆଶାୟୀଙ୍କୁ ଅଫିସକୁ ଡାକି ତାଙ୍କଠୁ ପ୍ରଥମ ପର୍ଯ୍ୟାୟରେ ପଞ୍ଜୀକୃତ ପାଇଁ ହଜାର ହଜାର ଟଙ୍କା ନେଉଥିଲେ। ଏପରି ବିଭିନ୍ନ ପର୍ଯ୍ୟାୟରେ ୩୧୪ ଜଣ ଆଶାୟୀଙ୍କଠୁ ୬୦ ଲକ୍ଷ ଟଙ୍କା ନେବାପରେ ଧରାଛୁଆଁ ଦେଇ ନ ଥିଲେ। ପରେ ଅଫିସ ବନ୍ଦ କରି ଫେରାର ହୋଇଯାଇଥିଲେ।

## ୬ ବିଦ୍ୟାଳୟ ରୂପାନ୍ତରୀକରଣ ନେଇ କଥା ହେଲେ ୫-ଟି ସଚିବ

ଖୋର୍ଦ୍ଧା ଅଫିସ,୨୦।୭

ଖୋର୍ଦ୍ଧା ଜିଲାର ହାଇସ୍କୁଲ ଟ୍ରାନ୍ସଫର୍ମେଶନ୍ (ବିଦ୍ୟାଳୟ ରୂପାନ୍ତରୀକରଣ) କାର୍ଯ୍ୟକ୍ରମରେ ମଙ୍ଗଳବାର ୫-ଟି ସଚିବ ଭି.କେ.ପାଣ୍ଡିଆନ ଭିଡିଓ କନଫରେନ୍ସ ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମର ୬ଟି ସ୍କୁଲର ଅଂଶୀଦାରମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହି ଅବସରରେ ୫ଟି ସଚିବ ପାଣ୍ଡିଆନ କହିଥିଲେ, ପ୍ରଯତ୍ନ, ପ୍ରକ୍ରିୟା, ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣିପାରିବା। ଛାତ୍ରୀଛାତ୍ରମାନେ ମନୋବଳ ଦୃଢ଼ କରିଶିକ୍ଷାକ୍ଷେତ୍ରରେ ଉତ୍କର୍ଷତା ହାସଲ କରନ୍ତୁ ବୋଲି ସେ କହିଛନ୍ତି। ଏଥିସହ ଜିଲାପାଳ ସନତ କୁମାର ମହାନ୍ତି, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ଭୁବନେଶ୍ୱରର ଗୋଷ୍ଠୀ ଶିକ୍ଷା ଅଧିକାରୀ, ୬ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଆଲୁମନି, ଏସଏମସି ସଦସ୍ୟ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ହାଇସ୍କୁଲ ଟ୍ରାନ୍ସଫର୍ମେଶନ୍ ପଦକ୍ଷେପର ଏକ ଅଂଶ ଭାବେ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ସାଇନ୍ସ ଲାବୋରେଟୋରି, କ୍ରୀଡା ତଥା କ୍ରୀଡା ଉପକରଣ, ବିଶୁଦ୍ଧ ପାନୀୟଜଳ ଆଦି ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ବିଦ୍ୟାଳୟ ରୂପାନ୍ତରୀକରଣ ଶୈକ୍ଷିକ ବାତାବରଣ ସହ ଶିକ୍ଷାର ମାନ ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ସମସ୍ତ ଅଂଶୀଦାର ସ୍ୱତନ୍ତ୍ର ସ୍ଲୋଗାନ 'ବିଦ୍ୟାଳୟ ରୂପାନ୍ତରୀକରଣ- ଆମ ସ୍ୱପ୍ନ ପୂରଣ' ଉପରେ ଆଲୋକପାତ କରିଥିଲେ। ଏହି ରୂପାନ୍ତରଣ ଅଭିଯାନରେ ଜିଲାର ୩୮ ବିଦ୍ୟାଳୟ ସାମିଲ ହୋଇଛନ୍ତି। ଅତ୍ୟାଧୁନିକ ଭିତ୍ତିଭୂମି ସହ ବିଦ୍ୟାଳୟ ପରିବେଶର ସାମଗ୍ରିକ ବିକାଶ ଏହାର ଲକ୍ଷ୍ୟ। ଗତ ଏପ୍ରିଲ ୨୩ରେ ୩୨ ବିଦ୍ୟାଳୟ ସହ ପାଣ୍ଡିଆନ ଆଲୋଚନା କରିଥିଲେ।

## ସ୍ୱାମୀର ପତ୍ତା ମିଳୁନି, ସ୍ତ୍ରୀ ଥାନାର ଦ୍ୱାରସ୍ଥ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

କାମ କରିବା ପାଇଁ ଘରୁ ବାହାରିଯାଇଥିଲେ ସ୍ୱାମୀ। ୫ ଦିନ ବିତିଯାଇଥିଲେ ତାଙ୍କର ଖୋଜଖବର ମିଳୁ ନ ଥିବାରୁ ଶେଷରେ ସ୍ତ୍ରୀ ଏୟାରଫିଲ୍ଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନିଖୋଜ ବ୍ୟକ୍ତି ଜଣକ ହେଲେ ଏହି ଥାନା ଅନ୍ତର୍ଗତ ବାବୁ ସ୍ୱାଇଁ କଲୋନୀରେ ରହୁଥିବା ସିନୁ ରାଓ। ସେ ସ୍ତ୍ରୀ ଅଳକା କୁମାରୀ ଓ ୨ ପିଲାଙ୍କ ସହ ୨ ବର୍ଷ ହେବ ରହୁଥିଲେ। ଗତ ୧୨ ତାରିଖରେ ସୁନୁ ସବୁଦିନ ପରି ଘରୁ କାମରେ ବାହାରି ଯାଇଥିଲେ। ହେଲେ ସନ୍ଧ୍ୟାରେ ଘରକୁ ନ ଫେରିବାରୁ ସ୍ତ୍ରୀ ଅଳକା ସବୁଆଡେ ଖୋଜାଖୋଜି କରି ନିରାଶ ହୋଇଥିଲେ। ସ୍ୱାମୀଙ୍କୁ କେହି ଅପହରଣ କରିନେଇଥିବା ସନ୍ଦେହ କରି ଗତ ୧୭ ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ସିନୁଙ୍କ ଉଚ୍ଚତା ୫ ଫୁଟ ହୋଇଥିବାବେଳେ ସେ କଳା ଶାର୍ଟ ଓ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ।

## ମୃତ୍ୟୁ ଛକିଥିଲା ବାଟରେ...

- ଅଧା ରହିଗଲା ବିବାହ ସ୍ୱପ୍ନ
- ଭାବୀ ଶ୍ୱଶୁର ଘର ଯିବାବେଳେ ଧକ୍କାଦେଲା କାର୍

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ଝିଅ ଦେଖା ସରିଥିଲା। ନିର୍ବନ୍ଧ ପାଇଁ ତାରିଖ ବି ଠିକ୍ ହୋଇଥିଲା। ଭାବୀ ଶ୍ୱଶୁର ଘରୁ ଡକରା ପାଇ ବରମୁଣ୍ଡାରୁ ସ୍କୁଟିରେ ଭିଏସ୍ଏସ୍ନଗର ଯାଉଥିଲେ। ହେଲେ ମୃତ୍ୟୁ ଛକିଥିଲା ବାଟରେ। ସିଆର୍‌ପି ଓଭରବ୍ରିଜ ଉପରେ ଏକ କାର୍ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯୁବକ ଜଣକ ହେଲେ ରାଉରକେଲା ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ପଲଙ୍ଗା ଗାଁର ରାଜେଶ ସ୍ୱାଇଁ(୩୫)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିବାହକୁ ନେଇ ଖୁସିର ପ୍ରସ୍ତୁତି ଭିତରେ ରାକେଶଙ୍କ ମୃତ୍ୟୁ ଦୁଇ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା କାରକୁ ନୟାପଲ୍ଲୀ ଥାନା ପୋଲିସ ଜବତ କରିବା ସହ କାର୍ ଚାଳକ ଦିଲ୍ଲୀର ଅମିତ୍ ଗୋଡିଆଳଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ରାଜେଶଙ୍କ ଦାଦା ବରମୁଣ୍ଡାରେ ରୁହନ୍ତି। ବାହାଘର ପାଇଁ ରାଜେଶ ଓ ତାଙ୍କ ପରିବାର ଲୋକେ ରାଉରକେଲାରୁ ଭୁବନେଶ୍ୱର ଆସି ବରମୁଣ୍ଡାରେ ରହିଥିଲେ। ମଙ୍ଗଳବାର ସକାଳେ ଝିଅ ଦେଖିବାକୁ ପରିବାର ଲୋକେ ଭିଏସ୍ଏସ୍ନଗର ଯାଇଥିଲେ। ସେମାନେ ଫେରିବା ପରେ ଭାବୀ ସ୍ୱାଇଁ ରାକେଶ ଏକ ସ୍କୁଟି ନେଇ ଭାବୀ ଶ୍ୱଶୁର ଘର ଯାଉଥିଲେ। ଓଭରବ୍ରିଜ୍ ଉପରେ ରାଜେଶଙ୍କ ଆଗରେ ଏକ ଆଇ-୨୦ କାର୍ (ବିସି-୩୪୫୭) ଓ ଟ୍ରକ୍ ଯାଉଥିଲା। ଟ୍ରକ୍‌ଟି ହଠାତ୍ ବ୍ରେକ୍ ଦେବାରୁ କାର୍‌ଟି ବ୍ରେକ୍ ଦେବା ସହ ଡିଭାଇଡରରେ ପିଟି ହୋଇଯାଇଥିଲା। ଏହି ସମୟରେ ରାଜେଶଙ୍କ ସ୍କୁଟି ସହ ଉକ୍ତ କାରଟିର ଧକ୍କା ଲାଗିବାରୁ ସେ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଧକ୍କା ଦେଇଥିବା କାର୍‌ରେ ସିକିମ୍ ଓ ଉତ୍ତରାଖଣ୍ଡର ଦୁଇ ଯୁବତୀଙ୍କ ସହ କେନ୍ଦ୍ରାପଡା ଓ ଦିଲ୍ଲୀର ଦୁଇଜଣ ଯୁବକ ଥିଲେ ବୋଲି ପୋଲିସ କହିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମନୋଜ



@ ସରୋଜ



@ ପ୍ରଦୀପ




@ କେ. କିଶୋର



@ ଉପାସନା



@ ସୁନୀଲ



@ ସୂର୍ଯ୍ୟ

# ବାଲିଘାଟ ପାଇଁ ରାସ୍ତା ମରଣଯନ୍ତା

ନିଶ୍ଚିନ୍ତକୋଇଲି, ୨୦।୭ (ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତର ଦେମାଣ୍ଡୋଠାରେ ରାସ୍ତା ମରଣଯନ୍ତା ପାଲଟିଛି। ବାଲିଘାଟ ପାଇଁ ଏପରି ହୋଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ଉକ୍ତ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲି ତହସିଲ ଅଧୀନ ଲୁଣାନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ଦେମାଣ୍ଡୋ ବାଲି ଘାଟକୁ ନିଲାମ କରାଯାଇଥିଲା। ଏହାପରେ ନିଲାମଧାରୀ ସମସ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରିବା ସହ ବର୍ଷା ଋତୁରେ ଜେସିବି, ଟ୍ରାକ୍ଟର, ଟ୍ରକ ଓ ହାଇୱା ଯୋଗେ ରାଜ୍ୟର ବିଭିନ୍ନ ସ୍ଥାନକୁ ବାଲି ଚାଲାଣ କରୁଛନ୍ତି। ଏପରିକି ନଦୀ ଶଯ୍ୟାରୁ ମେଶିନ ସାହାଯ୍ୟରେ ବାଲି ଉଠାଣ କରାଯାଉଛି। ଫଳରେ ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିବା ସହ ନଦୀ ବନ୍ଧ ଦୁର୍ବଳ ହୋଇପଡୁଛି। କିଛି



ଦେମାଣ୍ଡୋଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସ୍ଥାନରେ ନଦୀ ବନ୍ଧ ମଧ ଦବିଯାଇଛି। ଫଳରେ ନଦୀରେ ବନ୍ୟା ଆସିଲେ ଏଠାରେ ଘାଇ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଧାରଣାକାରୀ ମତବ୍ୟକ୍ତ କରିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହେବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ନିଶ୍ଚିନ୍ତକୋଇଲିର ଭାରପ୍ରାପ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ,ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବାଲି ଉଠାଣକୁ ସାମୟିକ ଭାବେ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ବିଶ୍ୱାଳ କୁହନ୍ତି, ଶୁକ୍ରବାର ନିଲାମଧାରୀ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ନେଇ ତହସିଲ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହେବ। ବୈଠକରେ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରାଯିବ।

**ପ୍ରତିବାଦରେ ଗାଁ ଲୋକଙ୍କ ଧାରଣା**

## ସାହିତ୍ୟିକ ପ୍ରତାପ କିଶୋର ମହାନ୍ତିଙ୍କ ପରଲୋକ

କଟକ ଅଫିସ, ୨୦।୭

ଲେଖକ, କଥାକାର, କବି, ଶିକ୍ଷାବିତ୍ ପ୍ରତାପ କିଶୋର ମହାନ୍ତି(୭୫)ଙ୍କର ମଙ୍ଗଳବାର ସକାଳ ୯ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କଟକ ମହାନ୍ତିପଡ଼ାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ହିମାଂଶୁବାଳା ମହାନ୍ତି, ଜଷ୍ଟିସ୍ ବି. ପି. ଦାସ, ସାନଭାଇ ପ୍ରଦୀପ କିଶୋର ମହାନ୍ତି, ପୁତୁରାମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ କଟକ ସତୀଚଉରାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ଗୋବିନ୍ଦ ମୁଖାଗ୍ନି ଦେଇଥିଲେ।

୧୯୪୬ ଡିସେମ୍ବର ୨ରେ କେନ୍ଦ୍ରାପଡା ଜିଲା ନାରଣପୁରଠାରେ ଜନ୍ମିତ ପ୍ରତାପ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ୍‌ର ସଦସ୍ୟ ରହିଥିଲେ। ସେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିବା ସହିତ ବିଜ୍ଞାନ ସାହିତ୍ୟ ରଚନା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିଲେ। 'ମୋ ମନର ଫୁଲ', 'ମନ ବିହଙ୍ଗର ମନ', 'ମୋ ମନର ରାଗ-ଅନୁରାଗ' 'ଭାଗ୍ୟର ଖେଳ', 'ମୁଖା ଓ ଅନ୍ୟାନ୍ୟ ଗଳ୍ପ', 'ଜରି ଗୋଟାଳିର ଭାଗ୍ୟ', 'ଦଳିତ କନ୍ୟା' ଗଳ୍ପ ସଂକଳନ ସହ 'ବରେଣ୍ୟ ବୈଜ୍ଞାନିକ ଓ ବିଜ୍ଞାନ ଆକାଶରେ ଅନେକ ସୂର୍ଯ୍ୟ', 'ଉଦ୍ଭିଦ ଜଗତର ବୈଚିତ୍ର୍ୟ' ବିଜ୍ଞାନ ପୁସ୍ତକ ସହ ଅନ୍ୟାନ୍ୟ ପାଠ୍ୟପୁସ୍ତକ ରଚନା କରିଥିଲେ। ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ସାହିତ୍ୟଶ୍ରୀ ସମ୍ମାନ ସହିତ ବ୍ୟାସକବି ସମ୍ମାନ, ଜୀବନରଙ୍ଗ ସମ୍ମାନ, ବିଶିଷ୍ଟ ଗାଳ୍ପିକ ସମ୍ମାନ, ବିଜ୍ଞାନ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ଏଥିସହ ସେ ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ହଲାଣ୍ଡ, ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍ ଓ ସୁଇଜର୍‌ଲ୍ୟାଣ୍ଡ ପ୍ରଭୃତି ଦେଶ ଭ୍ରମଣ କରିବା ସହ ନିଜର ସନ୍ଦର୍ଭ ଉପସ୍ଥାପନ କରି ପ୍ରଶଂସିତ ହୋଇଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ, ସାରଳା ସାହିତ୍ୟ ସଂସଦ ସଭାପତି ଡ. ପ୍ରଭାକର ସ୍ୱାଇଁ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଓଡିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂ, ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ହିରୋଇନ କରେଇଦେବାକୁ କହି ୫୦ ହଜାର ଠକେଇ

**ଭୁବନେଶ୍ୱର,(ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ରରେ ଜଣେ ଯୁବତୀଙ୍କୁ ହିରୋଇନ କରାଇ ଦେବାକୁ କହି ୫୦ ହଜାର ଟଙ୍କା ଠକିଥିବା ଜଣେ ଯୁବକଙ୍କୁ ଭରତପୁର ଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହଲେ ମଞ୍ଚେଶ୍ୱର ଥାନା ଅଧିନ କଳାରାହାଙ୍ଗ ଗ୍ରାମର ଚନ୍ଦ୍ରକାନ୍ତ ମହାପାତ୍ର(୪୦)। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ସଂକ୍ଷେପରେ

### ଭୁବନେଶ୍ୱରରେ ଆଜିଠାରୁ ଗର୍ଭବତୀଙ୍କୁ ଟିକା

#### ୬ଲକ୍ଷରୁ ଊର୍ଦ୍ଧ୍ୱ ନେଲେଣି ଦ୍ୱିତୀୟ ଡୋଜ୍

**ଭୁବନେଶ୍ୱର, ୨୦।୭ (ବ୍ୟୁରୋ):** ରାଜଧାନୀରେ ବୁଧବାରଠାରୁ ଗର୍ଭବତୀଙ୍କ ଟିକାକରଣ ଆରମ୍ଭ ହେବ। ଏନେଇ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତି ବୁଧବାର ଓ ଶନିବାର ଗର୍ଭବତୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ଟିକାକରଣ କେନ୍ଦ୍ରକୁ ଯାଇ କୋଭାକ୍ସିନ ଟିକା ନେବେ। କ୍ୟାପିଟାଲ ହସ୍ପିଟାଲ ସମେତ ସହରରେ ଥିବା ସମସ୍ତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି) ଓ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ୟୁସିଏଚ୍‌ସି)କୁ ଚିହ୍ନଟ କରାଯାଇଛି। ହିତାଧିକାରୀମାନେ କୋଭିଡ୍ ନିୟମ ମାନିବା ସହ ନିର୍ଦ୍ଦେଶ ମୁତାବକ ସାଙ୍ଗରେ ପରିଚୟପତ୍ର ଓ ଏମ୍‌ସିପି କାର୍ଡ ନେଇ ଆସିବାକୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୩୧ ସୁଦ୍ଧା ସମସ୍ତଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଏମ୍‌ସି କମିଶନର କହିଛନ୍ତି। ୨୦ ତାରିଖ ମଙ୍ଗଳବାର ସୁଦ୍ଧା ସହରରେ ୧୦ଲକ୍ଷ ୨୮ହଜାର ୩୭୫ଜଣ ପ୍ରଥମ ଡୋଜ୍ ଟିକା ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬ଲକ୍ଷ ୩୦ହଜାର ୪୮୫ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଛନ୍ତି। ସେମାନଙ୍କ ମଧ୍ୟରୁ ୩୫ହଜାର ୭୫୫ଜଣ ସ୍ୱାସ୍ଥ୍ୟକର୍ମୀ ପ୍ରଥମ ଓ ୨୮ହଜାର ୯୬୮ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ସହରରୁ ଆଉ ୩୫୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୧୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ୧୫୩ଜଣ ସୁସ୍ଥ ହୋଇଛନ୍ତି। ମୋଟ ଆକ୍ରାନ୍ତ ସଂଖ୍ୟା ୯୬ହଜାର ୪୨୨ରେ ପହଞ୍ଚିଛି ଓ ଆରୋଗ୍ୟଙ୍କ ସଂଖ୍ୟା ୯୪ହଜାର ୨୪୧ ଓ ମୃତକଙ୍କ ସଂଖ୍ୟା ୬୬୬କୁ ବୃଦ୍ଧି ପାଇଛି। ଏବେ ସହରରେ ୧୪ଶହ ୯୪ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।

### ଚକ୍‌ରେ ବାହୁଡ଼ାଯାତ୍ରାର ଚିତ୍ର




**ଭୁବନେଶ୍ୱର,୨୦।୭ :** ଚଳିତ ବର୍ଷର ରଥଯାତ୍ରା ନ୍ୟାୟାଳୟ ଓ କୋଭିଡ୍ କଟକଣା ମଧ୍ୟରେ କରାଯାଉଛି। ଭକ୍ତଶୂନ୍ୟ ରଥର ବାହୁଡ଼ା ପର୍ବକୁ ରେଖାଙ୍କିତ ଚିତ୍ର ଜରିଆରେ ବର୍ଣ୍ଣନା କରିଛନ୍ତି ଯୁବ ଚିତ୍ରକର ଇଂ ପ୍ରିୟଙ୍କା ସାହାଣୀ। ୪ ଫୁଟ ଉଚ୍ଚ ୮ ଫୁଟ ପ୍ରସ୍ଥ ବିଶିଷ୍ଟ ଏକ ପ୍ଲାଏ ଉପରେ ଚକ ମାଧ୍ୟମରେ ବାହୁଡାଯାତ୍ରାର ସୁନ୍ଦର ସ୍ମୃତି ଚିତ୍ର ଜରିଆରେ ପରିପ୍ରକାଶ କରିଛନ୍ତି। ପ୍ରାୟ ୧୪ ଘଣ୍ଟାର ପରିଶ୍ରମରେ ସେ ୨୦୧୯ ର ବାହୁଡା ଓ ୨୦୨୧ର ବାହୁଡା ଯାତ୍ରାର ଫରକକୁ ଚିତ୍ର ଜରିଆରେ ବର୍ଣ୍ଣନା କରିଛନ୍ତି। ପେସାରେ ସଫ୍ଟୱେର ଇଞ୍ଜିନିୟର ପ୍ରିୟଙ୍କା ଜଗନ୍ନାଥଙ୍କ ଚିତ୍ର ଆଙ୍କିବା ନିଶାରେ ପଡ଼ିଯାଇଛନ୍ତି। ସେ ଚଳିତ ରଥଯାତ୍ରା ଅବସରରେ ଜଗନ୍ନାଥଙ୍କ ୧୦୮ ବେଶର ଚିତ୍ର ଆଙ୍କି ଚର୍ଚ୍ଚାରେ ରହିଛନ୍ତି।






ଭୁବନେଶ୍ୱରରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା ବର୍ଷାରେ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ବସ୍ ଓ କାର୍‌ଗୁଡ଼ିକ ଅଧା ବୁଡ଼ିଯାଇଛି (ବାମ)। କଟକରେ ହୋଇଥିବା ବର୍ଷାରେ ଶିଳ୍ପୀକୁମ୍ଭାର ସାହିରେ ଜଳ ନିଷ୍କାସନ ହୋଇ ନ ପାରିବାରୁ ରାସ୍ତା ଉପରେ ଜମିରହିଛି।

# ୨ ଘଣ୍ଟା ବର୍ଷାରେ ରାଜଧାନୀ ଅସମ୍ଭାଳ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

- ଭୁବନେଶ୍ୱରରେ ୭୭ ମି.ମି. ବର୍ଷା
- ଅନେକ ଅଞ୍ଚଳ ଜଳାର୍ଣ୍ଣବ

ରାଜଧାନୀରେ ମଙ୍ଗଳବାର ଅପରାହ୍ନ ୪ଟାରେ ହଠାତ୍ ମାଡ଼ିଆସିଲା କଳାହାଣ୍ଡିଆ ମେଘ। ପ୍ରବଳ ବର୍ଷାରେ ସମଗ୍ର ରାଜଧାନୀ ହୋଇଗଲା ଜଳାର୍ଣ୍ଣବ। ଫ୍ଲାଏ ଓଭରଠାରୁ ଆରମ୍ଭ କରି ରାସ୍ତାଘାଟ, ଖାଲୁଆ ଅଞ୍ଚଳ ସବୁଠି ଜଳତାଣ୍ଡବ। ଦୁଇଘଣ୍ଟା ପ୍ରବଳ ବର୍ଷା ଯୋଗୁ ସହରର ଜନଜୀବନ ସ୍ତବ୍ଧ ହୋଇଗଲା। ଯିଏ ଯେଉଁଠି ଥିଲେ ମୁଣ୍ଡଗୁଞ୍ଜି ରହିଗଲେ। ବର୍ଷା ତାଣ୍ଡବ ସାମାନ୍ୟ ହ୍ରାସ ପାଇବାପରେ ନିଜେ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାକୁ ଉଦ୍ୟମ କରିଥିଲେ। ମାତ୍ର ରାସ୍ତାରେ ଜମି ରହିଥିବା ଅଣ୍ଟାଏ ଲେଖା ପାଣି ଆଉ କିଛି ସମୟ ଅପେକ୍ଷା କରିବାକୁ ଲୋକମାନଙ୍କୁ ବାଧ କରିଥିଲା। ଡ୍ରେନ୍ ଅବ୍ୟବସ୍ଥା ସାଙ୍ଗକୁ ଜଳସ୍ରୋତ ଅବରୋଧ ଯୋଗୁ ସହରରେ ଏକ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।

ସହରର ଇସ୍କନ ମନ୍ଦିର ସମ୍ମୁଖ, ନୟାପଲ୍ଲୀ ବେହେରା ସାହି, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ରସୁଲଗଡ଼, ବମିଖାଲ, କଳ୍ପନା ଛକ, ଶିରିପୁର, ବରମୁଣ୍ଡା, ଗଣ୍ଡମୁଣ୍ଡା, ପଥରବନ୍ଧ, ମହିଷାଖାଲ, ଲକ୍ଷ୍ମୀସାଗର, ନିଗମାନନ୍ଦ ନଗର, ସତ୍ୟବିହାର, ଜଗନ୍ନାଥ ବସ୍ତି, ଚନ୍ଦ୍ରଶେଖରପୁର କୋଅପରେଟିଭ କଲୋନୀ, କୋଚିଲାଖାଇ ହାଟ ସମ୍ମୁଖରେ ଅଣ୍ଟା ଉଚ୍ଚର ପାଣି ଚାଲିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ୭୭ ମିଲିମିଟର ବର୍ଷା ହୋଇଥିବାବେଳେ



ଶାସ୍ତ୍ରୀନଗର ଛକ ରାସ୍ତାରେ ବର୍ଷା ପାଣିର ସୁଅ।

କଟକରେ ୩୭ ମିଲିମିଟର ବର୍ଷା ହୋଇଛି। ଯଦି ଏହି ବର୍ଷାରେ ସହର ଅବସ୍ଥା ଏଭଳି ତେବେ ୧୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହେଲେ ଅବସ୍ଥା କ'ଣ ହେବ ତାହା ଆକଳନ କରିବା ମୁସ୍କିଲ ହୋଇପଡ଼ିଛି। ଆସନ୍ତା ୪ଦିନ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏ ସମ୍ପର୍କରେ ବିଏମ୍‌ସି କମିଶନର ସଞ୍ଜୟ ସିଂଙ୍କୁ ପଚାରିବାରୁ ସେ କହିଲେ, ସବୁ ସମୟରେ କ'ଣ ମୁଁ ଏହି ଗୋଟିଏ ବିଷୟକୁ ବାରମ୍ବାର କହିବି। ଆପଣ ସିଟି ଇଞ୍ଜିନିୟରଙ୍କ ସହ କଥା ହୋଇ ଯାଆନ୍ତୁ। ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ କହିଛନ୍ତି, ହଠାତ୍ ବର୍ଷା ଯୋଗୁ ଏଭଳି ପରିସ୍ଥିତି ହୋଇଛି। ସହରର ୮ଟି ସ୍ଥାନରେ ପମ୍ପସେଟ ଲାଗିଛି। ଡ୍ରେଜେନ ବ୍ୟବସ୍ଥା ଉନ୍ନତି ପାଇଁ କାର୍ଯ୍ୟ ଚାଲିଛି, ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ।



ବମିଖାଲ ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି।



ବର୍ଷା ସମୟରେ ଲକ୍ଷ୍ମୀସାଗର ତଳ ସାହିର ସ୍ଥିତି।

## ପଦାରେ ପଡ଼ିଲା ଡ୍ରେନେଜ୍ ଅବ୍ୟବସ୍ଥା

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ଭୁବନେଶ୍ୱର ସହରରେ ଡ୍ରେନେଜ ବ୍ୟବସ୍ଥା କିପରି ଅଛି ତାହା ମଙ୍ଗଳବାର ଅପରାହ୍ନରେ ହୋଇଥିବା ଦୁଇ ଘଣ୍ଟାର ବର୍ଷା ସ୍ପଷ୍ଟ କରିଛି। ବିଶେଷକରି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ସମସ୍ତ ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି। ରାଜଧାନୀକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ପାଇଁ ପାଣି ଭଳି ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ଦେଖିଲେ ସତେଯେମିତି ଅସହାୟ ଭଳି ମନେ ହେଉଛି। ବର୍ଷାରେ କେବଳ ଖାଲୁଆ ଅଞ୍ଚଳ ନୁହେଁ, ଭୁବନେଶ୍ୱର ଭିତର ଦେଇ ଯାଇଥିବା ବମିଖାଲ ଓଭର ବ୍ରିଜ୍, ବାଣୀବିହାର, ଜୟଦେବବିହାର ଓଭର ବ୍ରିଜ୍‌ରେ ମଧ୍ୟ ଦୀର୍ଘ ସମୟ ଧରି ଜଳ ନିଷ୍କାସନ ହୋଇପାରୁ ନାହିଁ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ବିଏମ୍‌ସି କିମ୍ବା ବିଡିଏ କର୍ତ୍ତୃପକ୍ଷ ଏଥିପ୍ରତି ସେତେଟା ଗୁରୁତ୍ୱ ଦେବାଭଳି ମନେ ହେଉନାହିଁ। ସହରରେ ପ୍ରାକୃତିକ ଉପାୟରେ ଜଳ ନିଷ୍କାସନ ପାଇଁ ୧୦ଟି ଜଳାଶୟ ରହିଛି। ସେହି ଜଳାଶୟଗୁଡ଼ିକର ଜଳ ନିଷ୍କାସନ ଦ୍ୱାର ଉପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରାଯାଉଛି। ବିଡିଏ ଏବଂ ବିଏମ୍‌ସି ପକ୍ଷରୁ ସେସବୁ ଅଟ୍ଟାଳିକାକୁ ଅନୁମତି ଦିଆଯାଉଥିବାରୁ ସହରରେ ଏଭଳି ସମସ୍ୟା ବାରମ୍ବାର ଦେଖାଦେଉଛି। ଯେଉଁ ନାଳ ରହିଛି ଜବରଦଖଲ ଯୋଗୁ ସେଗୁଡ଼ିକ ମଧ୍ୟ ଧୀରେ ଧୀରେ ସଂକୀର୍ଣ୍ଣ ହୋଇଗଲାଣି। ଜଳ ନିଷ୍କାସନ ପାଇଁ ଉନ୍ମୁକ୍ତ ବ୍ୟବସ୍ଥା ନ ଥିବାରୁ ସହରରେ ପରିସ୍ଥିତି ଆହୁରି ସଙ୍ଗିନ ହେବକୁ ଯାଉଛି। ଏହାଛଡ଼ା ସହରରେ ୬୫.୬୨ କି.ମି. ଡ୍ରେନ୍ ପାଣି ନିଷ୍କାସନ ପାଇଁ ନିର୍ମାଣ ହୋଇଛି। ତେବେ ସେଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେଥିରୁ କେବଳ ୧୧ କିଲୋମିଟର ଡ୍ରେନ୍‌କୁ ମରାମତି କରାଯାଇଛି। କେବଳ ସେତିକି ନୁହେଁ, ଭୁବନେଶ୍ୱରର ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଧାରିବା ସକାଶେ ୨୦୧୮ରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ମେଗା ଡ୍ରେନେଜ ବ୍ୟବସ୍ଥା କରିବାକୁ ଯୋଜନା କରାଯାଇଥିଲା। ନୟାପଲ୍ଲୀ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର ମଧ୍ୟଦେଇ ଭୂତଳ ଡ୍ରେନ୍ କରାଯିବାକୁ ପରିକଳ୍ପନା କରାଯାଇଥିଲା। ତେବେ ତାହା ଏବେ ବି ଅସମ୍ପୂର୍ଣ୍ଣ ହୋଇ ରହିଛି। ସହରରେ ଦିନକୁ ଦିନ ଜନସଂଖ୍ୟା ବଢୁଥିବାରୁ ମନଇଚ୍ଛା ଗୃହ ନିର୍ମାଣ ଚାଲିଛି। ଜଳାଶୟ ମୁହଁ ବନ୍ଦ ହେବାରେ ଲାଗିଛି। ଫଳସ୍ୱରୂପ ବର୍ଷା ହେବା ମାତ୍ରେ ସହରରେ କିଛି ଘଣ୍ଟା ପାଇଁ ଏକପ୍ରକାର ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି।

## ଦ୍ୱୈତନଗରୀରେ ବାହୁଡ଼ାଯାତ୍ରା

**ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୨୦।୭:** ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ପାଇଁ କେତେକ ଜଗନ୍ନାଥ ମନ୍ଦିର ପରିସରରେ ରଥଟଣା ହୋଇଥିବାବେଳେ ଆଉ କେତେକ ସ୍ଥାନରେ କେବଳ ପୂଜାବିଧି ସମ୍ପନ୍ନ ହୋଇଥିଲା। ଇସ୍କନ ମନ୍ଦିରରେ ସକାଳ ୭ଟା ୧୫ରେ ଗୁରୁପୂଜା ଓ ଦର୍ଶନ ଆଳତି କରାଯାଇଥିଲା। ଅସ୍ଥାୟୀ ରଥ ପ୍ରତିଷ୍ଠା, ବ୍ୟାସପୂଜା ଉତ୍ସବ ପରେ ଅପରାହ୍ନ ୩ଟା ୪୫ରେ ପହଣ୍ଡି ହୋଇଥିଲା। ଶ୍ରୀପାଦ ଆତ୍ମାରାମ ଦାସ ଛେରା ପହଁରା କଲାପରେ ଅନ୍ୟାନ୍ୟ ନୀତି କରାଯାଇ ଶ୍ରୀଜୀଉଙ୍କୁ ମହାସଂକୀର୍ତ୍ତନରେ ମନ୍ଦିର ପରିସର ଅସ୍ଥାୟୀ ଆଡପମଣ୍ଡପରୁ ରତ୍ନ ବେଦୀକୁ ବିଜେ କରାଯାଇଥିଲା। ସନ୍ଧ୍ୟା ୬ଟା ୧୫ରେ ଠାକୁରଙ୍କ ପାଖରେ ସନ୍ଧ୍ୟା ଆରତି କରାଯାଇଥିଲା। ବୁଧବାର ଶ୍ରୀଜୀଉଙ୍କ ସୁନାବେଶ କରାଯିବ ବୋଲି ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କଟକ ହରିପୁର ଦୋଳମୁଣ୍ଡାଇସ୍ଥିତ ଶ୍ରୀଶ୍ରୀ ପତିତପାବନଜୀଉ ମନ୍ଦିରରେ ବ୍ରଜ କିଶୋର ପ୍ରଧାନ ଛେରାପହଁରା କରିବା ପରେ ରଥଟଣା ଯାଇଥିଲା। ଗ୍ରାମ ଅଧିକାରୀ ବାବୁ ପ୍ରଧାନ, କ୍ଷୀରୋଦ ମହାରଣା, ପୂଜା କମିଟି ସଭାପତି ପ୍ରଦୀପ ମୂଳିଆ, ସାଧାରଣ ସମ୍ପାଦକ ଲିଙ୍ଗରାଜ ହାତୀ, କିଶୋର ପ୍ରଧାନ, ବିଜୟ ମୂଳିଆ, ରାଜକିଶୋର ରାଉତ ପ୍ରମୁଖ ଯୋଗଦେଇଥିଲେ। ବାଲୁବଜାର ବିନୋଦ ବିହାରୀ ମନ୍ଦିର, ରାଣୀହାଟ ବଳଦେବଜୀଉ ମନ୍ଦିର, ତେଲେଙ୍ଗାବଜାର ଜଗନ୍ନାଥ ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ମହମ୍ମଦିଆ ବଜାର ଜଗନ୍ନାଥ ମନ୍ଦିର, କାଜିବଜାର ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ବାହୁଡାଯାତ୍ରା ହୋଇଥିଲା।

## ଭର୍ଚୁଆଲରେ ଭଜନ ସନ୍ଧ୍ୟା

**ଭୁବନେଶ୍ୱର, ୨୦।୭ (ବ୍ୟୁରୋ):** ବାହୁଡ଼ାଯାତ୍ରା ଅବସରରେ ଭୁବନେଶ୍ୱର ମ୍ୟୁଜିକ୍ ସିଜଲର୍ସ ପକ୍ଷରୁ ମଙ୍ଗଳବାର ଶ୍ରୀଜଗନ୍ନାଥଙ୍କ ଉପରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲରେ ଭକ୍ତ ବୈଷ୍ଣବ କୈଳାସ, ସୁଶାନ୍ତ ପାଣି, କାବୁ, ସୀମା ମହାନ୍ତି, ମଧୁଲତା, ପୂଜା ପ୍ରତ୍ୟୁଷା, ଆକାଂକ୍ଷା ପ୍ରମୁଖ ଅଙ୍ଗେନିଭା ଅନୁଭୂତି ବଖାଣିଥିଲେ। କବିମାନେ ଜଗନ୍ନାଥଙ୍କୁ ସମର୍ପିତ ଜଣାଣ ଗାନ କରିଥିଲେ। ସିଜଲର୍ସର ଅଧ୍ୟକ୍ଷ କୁମାର ଗୌରବ ଓ ପ୍ରଶାସନ ସାହୁ ପରିଚାଳନା କରିଥିଲେ।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡାଯାତ୍ରା ଅବସରରେ ଭର୍ଚୁଆଲରେ ଅନୁଷ୍ଠିତ ଭଜନ ସନ୍ଧ୍ୟା।



ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି।



ଇସ୍କନ ମନ୍ଦିରରେ ଅନୁଷ୍ଠିତ ବାହୁଡ଼ାଯାତ୍ରା।



କଟକ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି।



କଟକ ଚାନ୍ଦିନୀଚୌକ ମନ୍ଦିରରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଉଛି।

## ଏସ୍ଏଚ୍‌ଜିର ୧୫ମହିଳାଙ୍କୁ କୁକୁଡ଼ା ଛୁଆ ବଣ୍ଟନ

ସାକ୍ଷୀଗୋପାଳ,(ସ୍ୱ.ପ୍ର./ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ର ୧୫ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟ ନେଇ ୩୭୫ ଟି ୨୧ଦିନର ବନରାଜ କୁକୁଡ଼ା ଛୁଆ ପଶୁ ସମ୍ପଦ ବିଭାଗ ପକ୍ଷରୁ ଆତ୍ମା ସହଯୋଗରେ ମଙ୍ଗଳବାର ବଣ୍ଟନ କରାଯାଇଛି। ଆତ୍ମା ଅଧକ୍ଷ ରାମଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁକୁଡ଼ା ଛୁଆ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ଜ୍ଞାନରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତର ବଣିଆସାହିସ୍ଥିତ ଯୁବକ ସଂଘ ଗୃହରେ ଏହି ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱଜିତ ଶତପଥୀଙ୍କ ସହିତ ସୁଦର୍ଶନ ମିଶ୍ର ଓ ଶରତ ସେଠୀ ସହଯୋଗ କରିଥିଲେ।

# ଖଲାସୀନାଳ ଖନନରେ ଅନିୟମିତତା

### ତଦନ୍ତ ଦାବିରେ କୃଷକ ସଙ୍ଗଠନର ଆନ୍ଦୋଳନ ଡାକରା

ସାକ୍ଷୀଗୋପାଳ,୨୦।୭(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅଧୀନ ନୂଆଗାଁ ଦକ୍ଷିଣପାର୍ଶ୍ୱ ଖଲାସୀନାଳ ଖନନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହାର ତଦନ୍ତ ଓ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ପୁରୀ ଜିଲା ନୀଳାଚଳ କୃଷକ ମହାସଂଘ ଆନ୍ଦୋଳନ ଡାକରା ଦେଇଛି। ଜିଲାପାଳ ଏହିଅଭିଯୋଗର ତଦନ୍ତ କରିବା ପାଇଁସଂଘ କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାସଂଘ ପକ୍ଷରୁ ଆଗାମୀ ୨୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଆମରଣ ଅନଶନ କରିବାକୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ପୁରୀ ଜିଲାର ନିମାପଡ଼ା, ସତ୍ୟବାଦୀ ଓ ପୁରୀ ସଦର ବ୍ଲକ ଦେଇ ଏହି ନାଳ ପ୍ରବାହିତ ହେଉଛି। ମୁଖ୍ୟତଃ ବର୍ଷା ଋତୁରେ ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ସହ ରବି ଋତୁରେ ଚାଷୀମାନେ ଏହି ନାଳର ଜଳ ଉପଯୋଗ କରି ଚାଷ କାମ କରୁଥିଲେ। ମାତ୍ର ଦୀର୍ଘଦିନ ହେବ ନାଳ ପୋତି ହୋଇପଡ଼ିବାରୁ ଏହା ଚାଷୀମାନଙ୍କର ଜୀବିକାକୁ ଅଧିକ ପ୍ରଭାବିତ କରିଛି। ଉକ୍ତ ନାଳକୁ ଡ୍ରେଜର ସାହାଯ୍ୟରେ ଖନନ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୩ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟବରାଦ ମଧ୍ୟ ହୋଇଥିଲା। ହେଲେ ଡ୍ରେଜର ବଦଳରେ ପୋକଲିନ ମାଧ୍ୟମରେ ଖନନ କରାଯାଉଛି। ନାଳର ଉଭୟ ପାର୍ଶ୍ୱରେ ମାଟିଗଦା ହୋଇ ରହିଛି। ଫଳରେ ଗହୀରରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ବର୍ଷାରେ ମାଟି ଧୋଇ ହୋଇ ନାଳରେ ପଶୁଛି। ସେହିପରି ଉକ୍ତ ନାଳ ଉପରେ ୭ଟି ସ୍ଥାନରେ ଥିବା ଅଣ ଓସାରିଆ ଏବଂ ଅଳ୍ପ ଉଚ୍ଚତା ବିଶିଷ୍ଟ ବ୍ରିଜକୁ ଓସାରିଆ ଓ ଅଧିକ ଉଚ୍ଚତା ବିଶିଷ୍ଟ ସେତୁ କରାଗଲା ନାହିଁ। ପୁରୁଣା ସେତୁଗୁଡିକ ପୂର୍ବପରି ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି ବୋଲି ମହାସଂଘର କର୍ମକର୍ତ୍ତାମାନେ ସୋମବାର ସ୍ଥିତି ଅନୁଧ୍ୟାନ ପରେ ଏହି ଅଭିଯୋଗ କରିଛନ୍ତି। ସଂଘ ସଭାପତି ଗୋପୀନାଥ ମିଶ୍ର, ଉପସଭାପତି ନିରଞ୍ଜନ ମହାପାତ୍ର, ସମ୍ପାଦକ ଉଗ୍ରସେନ ବିଶ୍ୱାଳ, ସତ୍ୟବାଦୀ ବ୍ଲକ ସଭାପତି ଫଗୁଚରଣ ପରିଡା, ପିପିଲି ସଭାପତି ସୁଦର୍ଶନ ପ୍ରଧାନ, ପୁରୀ ସଦର ବ୍ଲକ ସଭାପତି ଅରକ୍ଷିତ ଦାସ, ବଂଶୀଧର ପରିଡ଼ା, ନଗେନ ବରାଳ, ପ୍ରତାପ ପାଇକରାୟ, ସର୍ବେଶ୍ୱର ନାୟକ, ପରିକ୍ଷିତ ନାୟକ, ମାଧବ ବରାଳ, ଗୁଣନିଧି ପାତ୍ର ପ୍ରମୁଖ ଏହି ଅନୁଧାନରେ ସାମିଲ ଥିଲେ।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

ବାଲୁଗାଁ,୨୦।୭(ଡି.ଏନ୍.ଏ.):ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ବ୍ରାଉନସୁଗାର କାରବାର



ଅଭିଯୋଗରେ ଅବକାରୀ ବିଭାଗ ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଲୁଗାଁ ସ୍ଥିତ ଚକ୍ରଧରପୁର ସାହିର ପାଣ୍ଡବ ବେହେରା(୨୮)। ତାଙ୍କ ନିକଟରୁ ୧୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ.୩୭/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ବାଲୁଗାଁ ସ୍ଥିତ ଚକ୍ରଧରପୁର ସାହି ନିକଟ ପରିତ୍ୟକ୍ତ ଘରେ ବ୍ରାଉନସୁଗାର କାରବାର ଚାଲୁଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ ଓ ବାଲୁଗାଁ ଅବକାରୀ ସବ୍‌ଇନ୍ସପେକ୍ଟର ମନୋଜ ବାରିକ ସଦଳବଳ ଏହି ସ୍ଥାନରେ ଚଢ଼ାଉ କରି ପାଣ୍ଡବଙ୍କୁ ଧରିଥିଲେ।

### ଚୋରି ମାମଲାରେ ୪ ଗିରଫ

ନିରାକାରପୁର,୨୦।୭(ଡି.ଏନ୍.ଏ.): ଏକ ଚୋରି ମାମଲାରେ ମଙ୍ଗଳବାର ନିରାକାରପୁର ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଗତ ୧୪ତାରିଖରେ ନିରାକାରପୁର ଥାନା ଅଧୀନ ରାମେଶ୍ୱର ଠାରେ ଥିବା ପାଛିକାର ଗୋଟିଏ ଗ୍ରୀଲ୍ ଓ ପାଣି ମଟର ଚୋରି ହୋଇଥିବା ନେଇ ପାଛିକା ମାଲିକ ସୂର୍ଯ୍ୟନାରାୟଣ ରାଉତରାୟ ଅଭିଯୋଗ କରିଥିଲେ। ଏହାକୁ ଥାନାରେ ଏକ ମାମଲା (ନଂ.୧୧୯/୨୧)ରୁଜୁ ହୋଇଛି। ପୋଲିସ ଏହି ମାମଲାରେ ରାମେଶ୍ୱର ଗ୍ରାମର କୃଷ୍ଣଚନ୍ଦ୍ର ବେହେରା ଓରଫ (କାଙ୍ଗୁ) ଓ ଲକ୍ଷ୍ମଣ ପ୍ରଧାନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ପଚରାଉଚରା କରିବା ପରେ ରାମେଶ୍ୱର ବାଙ୍କନିଧି ମହାନ୍ତିଙ୍କୁ ଗ୍ରୀଲ୍ ଓ ଜଙ୍କିଆ ବାଲିଗାଡିଆ ଗ୍ରାମର ତପନ ବଳବନ୍ତରାୟଙ୍କୁ ପାଣି ମୋଟର ବିକ୍ରି କରିଥିବା ସ୍ୱୀକାର କରିଥିଲେ। ପରେ ଉଭୟଙ୍କ ଘରୁ ଉକ୍ତ ସାମଗ୍ରୀ ଜବତ କରାଯାଇଥିଲା। ଚୋରି କରିଥିବା ଏବଂ ଚୋରି ସାମଗ୍ରି ରଖିଥିବା ଅଭିଯୋଗରେ ୪ଜଣଙ୍କୁ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ବିଚିତ୍ରା ନନ୍ଦ ପରିଡା କହିଛନ୍ତି।

### ୩୮ ପଜିଟିଭ୍, ୮୧ ସୁସ୍ଥ

ଖୋର୍ଦ୍ଧା ଅଫିସ,୨୦।୭: ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରଣରେ ରହିଛି। ସଂକ୍ରମଣ ହାର ୨.୩୧ ପ୍ରତିଶତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ୩୮ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୮୧ଜଣ ସୁସ୍ଥ ହୋଇଛନ୍ତ। ଗ୍ରାମାଞ୍ଚଳରେ ମଙ୍ଗଳବାର ସୁଦ୍ଧା ମୋଟ ୪,୬୯,୮୩୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୭,୭୬୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୭,୨୪୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୮୫ଜଣଙ୍କ ମୃତ୍ୟୁ ଘଟିଛି। ୩୩୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରେ ମୋଟ୍ ୩,୪୪,୦୩୩ଜଣଙ୍କୁ ଟିକା ଦିଆଯାଇଛି। ମଙ୍ଗଳବାର ୩୫ଟି କେନ୍ଦ୍ରରେ ୫,୩୮୫ଜଣଙ୍କୁ ଟିକା ଦିଆଯାଇଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡିଛି।

### ପୂର୍ବତନ କାଉନ୍‌ସିଲର ଡା.ରାଧେଶ୍ୟାମ ଶର୍ମାଙ୍କ ପରଲୋକ

ଜଟଣୀ,୨୦।୭(ଡି.ଏନ୍.ଏ.): ଜଟଣୀ ପୌରପରିଷଦର ପୂର୍ବତନ କାଉନ୍‌ସିଲର ତଥା ହୋମିଓପାଥି ଚିକିତ୍ସକ ଡା.ରାଧେଶ୍ୟାମ ଶର୍ମାଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଶର୍ମା ଜଣେ ମିଷ୍ଟଭାଷୀ, ପରୋପକାରୀ, ସମାଜସେବୀ ଥିଲେ। ଜଟଣୀ କଲେଜ ରୋଡସ୍ଥିତ ତାଙ୍କ ବାସଭବନରେ ବିଧାୟକ ସୁରେଶ କୁମାର ରାଉତରାୟ, ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟର ସଭାପତି ରାମତାର ଅଗ୍ରୱାଲ, ଗୋପୀନାଥ ମନ୍ଦିର ପରିଚାଳନା କମିଟି ସଭାପତି ମହେଶ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ବିଶ୍ୱନାଥ ଯୋଶୀ, ବିଭୂତି ବଳବନ୍ତରାୟ, ସୁଦୀପ୍ତ ରାୟ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ପବନ ଅଗ୍ରୱାଲ ମୁଖାଗ୍ନି ଦେଇଥିଲେ।

# ସେସୁ କାର୍ଯ୍ୟାଳୟ ଘେରିଲା ଭାଜପା




ବିଭିନ୍ନ ଦାବିରେ ଭାଜପା ପକ୍ଷରୁ ସେସୁ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଖୋର୍ଦ୍ଧା ଅଫିସ,୨୦।୭

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ଅଘୋଷିତ ବିଜୁଳି କାଟ୍ ଏବଂ ଲୋ ଭୋଲ୍ଟେଜ ପ୍ରତିବାଦରେ ଭାରତୀୟ ଜନତା ପାର୍ଟି(ଭାଜପା) ଖୋର୍ଦ୍ଧା ଜିଲା ପକ୍ଷରୁ ସେସୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଧାରଣାରେ ନିକୁଞ୍ଜ କିଶୋର ପଟ୍ଟନାୟକ, ମୁଖପାତ୍ର ସୋନାଲି ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଅଜୟ ମିଶ୍ର, ସୂର୍ଯ୍ୟ ନାରାୟଣ ଦାଶ ପ୍ରମୁଖ ଯୋଗଦେଇ ଗ୍ରାହକ ଶୋଷଣ ନୀତିକୁ ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତାପ ମହାପାତ୍ର, ଲୋକନାଥ ପ୍ରଧାନ, ସୀତାରାମ ରାଉତରାୟ, ପ୍ରଦୀପ୍ତ ପାଣି, କିଶୋର ବରାଳ, ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୨୦।୭ (ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟର ବିଭିନ୍ନ ସ୍ଥାନରେ ମଙ୍ଗଳବାର ପ୍ରବଳବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅଳଗୁମ ସେଠୀସାହିର ଭଜମନ ସେଠୀ(୫୫)। ଅପରାହ୍ନ ସମୟରେ ଭଜମନ ଧାନ କ୍ଷେତରେ କାମକରିବା ସମୟରେ ବର୍ଷା ହେବାରୁ ଘରକୁ ଫେରୁଥିଲେ। ହଠାତ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ଟଳିପଡିଥିଲେ। ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସତ୍ୟବାଦୀ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୪୦୦ ଲିଟର କିରୋସିନ ଜବତ

ଜଟଣୀ/ଝାଁଳା,୨୦।୭(ଡି.ଏନ୍.ଏ.)

ଜଟଣୀ ଥାନା ପୋଲିସ ମଙ୍ଗଳବାର ଝାଁଳା ଫାଣ୍ଡି ଅନ୍ତର୍ଗତ ପିତାପଲ୍ଲୀଠାରେ ପୁଣି ଏକ ଚୋରା କିରୋସିନ ଆଡ୍ଡା ଠାବ କରିଛି। ଏହି ଆଡ୍ଡାରୁ ଗୋଟିଏ ବ୍ୟାରେଲ ଓ ୫ଟି ଜାରକିନରେ ଭର୍ତ୍ତି ହୋଇଥିବା ୪୦୦ ଲିଟର କିରୋସିନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୫୩/୨୧)ରୁଜୁ ହୋଇଛି। ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପିତାପଲ୍ଲୀ ଅଞ୍ଚଳର ଏକ ଢାବା ନିକଟରେ ବେଆଇନ ଭାବେ କିରୋସିନ ଗଚ୍ଛିତ ଥିବା ପୋଲିସକୁ ସୂଚନା ମିଳିଥିଲା। ମଙ୍ଗଳବାର ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ୪୦୦ଲିଟର କିରୋସିନ ଜବତ କରିଥିବା ବେଳେ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ। ଗତ ଜୁନ ୧୯ ଓ ୨୫ ତାରିଖରେ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୭୦୦୦ଲିଟର ଏବଂ ପରେ ୭୫୦ଲିଟର ଚୋରା କିରୋସିନ ଜବତ କରିଥିଲା। ଏନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, କୌଣସି ପରିସ୍ଥିତିରେ ଅସାମାଜିକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏଥିରେ ସମ୍ପୃକ୍ତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବ। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ୬ ବିଦ୍ୟାଳୟ ରୂପାନ୍ତରୀକରଣ ନେଇ କଥା ହେଲେ ୫-ଟି ସଚିବ

ଖୋର୍ଦ୍ଧା ଅଫିସ,୨୦।୭

ଖୋର୍ଦ୍ଧା ଜିଲାର ହାଇସ୍କୁଲ ଟ୍ରାନ୍ସଫର୍ମେଶନ୍ (ବିଦ୍ୟାଳୟ ରୂପାନ୍ତରୀକରଣ) କାର୍ଯ୍ୟକ୍ରମରେ ମଙ୍ଗଳବାର ୫-ଟି ସଚିବ ଭି.କେ.ପାଣ୍ଡିଆନ ଭିଡିଓ କନଫରେନ୍ସ ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମର ୬ଟି ସ୍କୁଲର ଅଂଶୀଦାରମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହି ଅବସରରେ ୫ଟି ସଚିବ ପାଣ୍ଡିଆନ କହିଥିଲେ, ପ୍ରଯତ୍ନ, ପ୍ରକ୍ରିୟା, ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣିପାରିବା। ଛାତ୍ରୀଛାତ୍ରମାନେ ମନୋବଳ ଦୃଢ଼ କରି ଶିକ୍ଷାକ୍ଷେତ୍ରରେ ଉତ୍କର୍ଷତା ହାସଲ କରନ୍ତୁ ବୋଲି ସେ କହିଛନ୍ତି। ଏଥିସହ ଜିଲାପାଳ ସନତ କୁମାର ମହାନ୍ତି, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ଭୁବନେଶ୍ୱରର ଗୋଷ୍ଠୀ ଶିକ୍ଷା ଅଧିକାରୀ, ୬ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଆଲୁମନି, ଏସଏମସି ସଦସ୍ୟ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ହାଇସ୍କୁଲ ଟ୍ରାନ୍ସଫର୍ମେଶନ୍ ପଦକ୍ଷେପର ଏକ ଅଂଶ ଭାବେ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ସାଇନ୍ସ ଲାବୋରେଟୋରି, କ୍ରୀଡା ତଥା କ୍ରୀଡା ଉପକରଣ, ବିଶୁଦ୍ଧ ପାନୀୟଜଳ ଆଦି ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ । ବିଦ୍ୟାଳୟ ରୂପାନ୍ତରୀକରଣ ଶୈକ୍ଷିକ ବାତାବରଣ ସହ ଶିକ୍ଷାର ମାନ ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ସମସ୍ତ ଅଂଶୀଦାର ସ୍ୱତନ୍ତ୍ର ସ୍ଲୋଗାନ 'ବିଦ୍ୟାଳୟ ରୂପାନ୍ତରୀକରଣ- ଆମ ସ୍ୱପ୍ନ ପୂରଣ' ଉପରେ ଆଲୋକପାତ କରିଥିଲେ। ଏହି ରୂପାନ୍ତରଣ ଅଭିଯାନରେ ଜିଲାର ୩୮ ବିଦ୍ୟାଳୟ ସାମିଲ ହୋଇଛନ୍ତି। ଅତ୍ୟାଧୁନିକ ଭିତ୍ତିଭୂମି ସହ ବିଦ୍ୟାଳୟ ପରିବେଶର ସାମଗ୍ରିକ ବିକାଶ ଏହାର ଲକ୍ଷ୍ୟ। ଗତ ଏପ୍ରିଲ ୨୩ରେ ୩୨ ବିଦ୍ୟାଳୟ ସହ ପାଣ୍ଡିଆନ ଆଲୋଚନା କରିଥିଲେ।

# ବିଭିନ୍ନ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

ପିପିଲି,୨୦।୭(ଡି.ଏନ୍.ଏ.)

ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କାର୍ଯ୍ୟାଳୟକୁ ସୋମବାର ୧୪ଦଫା ଦାବି ନେଇ ସିପିଆଇ (ଏମ୍ଏଲ୍) ଆଞ୍ଚଳିକ କମିଟି ପକ୍ଷରୁ ଘେରାଉ କରାଯାଇଛି। ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା, ପ୍ରକୃତ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇବା, ବାର୍ଦ୍ଧକ୍ୟ, ବିଧବା ଭତ୍ତା ଯୋଗାଇବା ସହ ହରିଶ୍ଚନ୍ଦ୍ର ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଏଥିସହ ପଞ୍ଚାୟତ ନିର୍ମାଣଧୀନ ପାର୍କ ଓ ଖର୍ଚ୍ଚରେ ଅନିୟମିତତା ହୋଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହିଭଳି ୧୪ଦଫା ଦାବି ହୋଇଥିବାବେଳେ ଦୁର୍ନୀତି କାର୍ଯ୍ୟର ତଦନ୍ତ କରିବା ନେଇ ସିପିଆଇ (ଏମ୍ଏଲ)ର ଆଞ୍ଚଳିକ କମିଟିର ଆବାହକ ସର୍ବେଶ୍ୱର ଭାରତୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପହଞ୍ଚି ଘେରାଉ କରାଯାଇଥିଲା। ଏଥିସହ ଏକ ଦାବିପତ୍ର ବିଡିଓଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ପ୍ରତିନିଧିଙ୍କୁ ଦିଆଯାଇଥିଲା।

# ବିନା ଭକ୍ତରେ ସରିଲା ବାହୁଡ଼ାଯାତ୍ରା

ଖୋର୍ଦ୍ଧା ଅଫିସ,୨୦।୭

ଖୋର୍ଦ୍ଧା ଜାଗୁଲାଇପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମ ଏବଂ ଦଧିମାଛଗାଡିଆ ଗ୍ରାମର ଦାରୁକ୍ଷେତ୍ର ଶ୍ରୀପତିତପାବନଙ୍କ ବାହୁଡ଼ା ଯାତ୍ରା କୋଭିଡ୍ କଟକଣା ମଧ୍ୟରେ ମଙ୍ଗଳବାର ସମ୍ପନ୍ନ ହୋଇଛି। ଚଳିତ ବର୍ଷ କେବଳ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଆୟୋଜନ ଲାଗି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ଫଳରେ ଏଠାରେ କେବଳ ବିଧି ପାଳନ କରାଯାଇଛି। ରଥଯାତ୍ରାରେ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଜ୍ଞାମାଳ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରେ ବିଜେ କରିଥିଲେ। ଅନ୍ୟପଟେ ନବଦିନାତ୍ମକ ସମସ୍ତ ନୀତି ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରୁ ବିଜେ ଆଜ୍ଞାମାଳକୁ ଘଣ୍ଟ, କାହାଳି ବାଦ୍ୟବାଜଣା ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିର ପୂଜକ ଓ ମନ୍ଦିର କମିଟି ସଦସ୍ୟଙ୍କୁ ନେଇ ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ରତ୍ନବେଦିରେ ପୂର୍ଣ୍ଣ ବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏଥିଲାଗି ସମସ୍ତ ପ୍ରସ୍ତୁତି ସରିଛି ବୋଲି ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ଦାସ ମହାରାଜ କହିଛନ୍ତି। ସେହିପରି ଦଧିମାଛଗାଡିଆ ଦାରୁକ୍ଷେତ୍ର ଶ୍ରୀପତିତପାବନଙ୍କ ବାହୁଡା ଯାତ୍ରା କଟକଣା ମଧ୍ୟରେ ବିନା ଭକ୍ତରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ ରହିଥିବାରୁ ଠାକୁର ମନ୍ଦିର ପରିସର ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରେ ବିଜେ କରିଥିଲେ। ମଙ୍ଗଳବାର ଅସ୍ଥାୟୀ ମଣ୍ଡପରେ ଭୋରରୁ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି ପରେ ପୂର୍ବାହ୍ନ ୧୧ଟାରେ ସକାଳ ଧୂପ(ଖେଚୁଡି ଭୋଗ) ବେଶ ଶେଷ ହୋଇଥିଲା। ରଥରେ ଆଜ୍ଞାମାଳ ବିଜେ ପରେ ଚାରମାଳ ବନ୍ଧା ଯାଇଥିଲା। ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ସାଢ଼େ ୪ଟା ସୁଦ୍ଧା ଠାକୁର ରଥାରୂଢ଼ ହୋଇଥିଲେ। ଦାରୁକ୍ଷେତ୍ରର ମାନସ ପଟ୍ଟନାୟକ ରଥରେ ଛେରାପହଁରା କରିଥିଲେ। ପରେ ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥି ବିଜେ କରିଥିଲେ। ବିଧି ରକ୍ଷା ଲାଗି ମନ୍ଦିର ପରିସରରେ ରଥାରୂଢ଼ ଠାକୁରଙ୍କ ରଥଟଣା ହୋଇଥିଲା। କେବଳ କମିଟି ସଦସ୍ୟ ଓ ସେବାୟତ କିଛି ବାଟ ରଥ ଟାଣିଥିଲେ। ରଥରେ ପୋଡ଼ପିଠା ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ରଥରେ ଠାକୁରଙ୍କ ସୁନାବେଶ ଓ ଗୁରୁବାର ଅଧରପଣା, ଶୁକ୍ରବାର ନୀଳାଦ୍ରିବିଜେ ନୀତି କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।



ମାନସ ପଟ୍ଟନାୟକ ରଥରେ ଛେରାପହଁରା କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମନୋଜ



@ ସରୋଜ



@ ପ୍ରଦୀପ




@ କେ. କିଶୋର



@ ଉପାସନା



@ ସୁନୀଲ



@ ସୂର୍ଯ୍ୟ

# ପିଲାଙ୍କୁ ସଚେତନ ଦିଗରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧା ଅଫିସ,୨୦।୭

ଆସନ୍ତା ୨୬ତାରିଖରୁ ଦଶମ ଓ ଦ୍ୱାଦଶ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ। ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ଖୋର୍ଦ୍ଧା ଜିଲା ସ୍ୱାଗତ କରିଛି। କରୋନା ପାଇଁ ପିଲାଙ୍କ ପାଠପଢ଼ା ବ୍ୟାହତ ହୋଇଛି। ଗତବର୍ଷ ବିଳମ୍ବରେ ଜାନୁୟାରୀ ୮ରୁ ଏପ୍ରିଲ ପର୍ଯ୍ୟନ୍ତ ଦଶମ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ଚଳିତ ଶିକ୍ଷାବର୍ଷ ଜୁଲାଇ ଶେଷ ସପ୍ତାହରୁ ପିଲାଙ୍କ ପାଠପଢ଼ା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପିଲାଙ୍କ ପାଠପଢ଼ାକୁ ନେଇ ଲାଗି ରହିଥିବା ସଙ୍କଟ ଦୂର ହେବାକୁ ଯାଉଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଫେରିବା, ଗତାନୁଗତିକ ଭାବେ ଶିକ୍ଷାଦାନ କାର୍ଯ୍ୟ ଜାରି ରହିବା ନେଇ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। କୋଭିଡ୍ ଗାଇଡଲାଇନ୍ ଅନୁଯାୟୀ ବିଦ୍ୟାଳୟକୁ ସାନିଟାଇଜ୍ କରିବା, ଛାତ୍ରୀଛାତ୍ରଙ୍କ ଦୈନିକ ଥର୍ମାଲ୍ ସ୍କ୍ରିନିଂ, ସ୍କୁଲ ପରିସର ପରିଷ୍କାର ରଖିବା, ମାସ୍କ ବ୍ୟବହାର ସହିତ ସାମାଜିକ ଦୂରତ୍ୱକୁ କଡାକଡି ପାଳନ ପାଇଁ ଓଷ୍ଟା ପକ୍ଷରୁ ନିବେଦନ କରାଯାଇଛି। ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଅଧିକ ସଚେତନ ହେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। କରୋନା ସମୟରେ ଶିକ୍ଷା ସନ୍ଦେଶ, ଶିକ୍ଷା ସଂଯୋଗ, ଶିକ୍ଷା ଶିଖର, ଶିକ୍ଷା ଦର୍ପଣ ମାଧ୍ୟମରେ ସରକାର ପିଲାଙ୍କ ପାଠପଢା ସୁନିଶ୍ଚିତ କରିଛନ୍ତି। ଅନ୍‌ଲାଇନ ପାଠ୍ୟକ୍ରମକୁ ତ୍ୱରାନ୍ୱିତ ଦିଗରେ ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ରଙ୍କ ଭୂମିକା ପ୍ରଶଂସନୀୟ। ଓଷ୍ଟା ଖୋର୍ଦ୍ଧା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାସ, ସମ୍ପାଦକ ମଧୁସୂଦନ ଦେ, ସହସମ୍ପାଦକ ରମାକାନ୍ତ ମହାପାତ୍ର, ସନ୍ତୋଷ ଚନ୍ଦ୍ର କର, ଉପେନ୍ଦ୍ର ଦାସ ଧନ୍ୟବାଦ ଜଣାଇଛନ୍ତି। ସ୍କୁଲ ଖୋଲିବା ପୂର୍ବରୁ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ଟିକା ସେବା ପାଇଁ ଦାବି ହୋଇଛି।

**ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସ**

ପିପିଲି, (ଡି.ଏନ.ଏ): ବାହୁଡାଯାତ୍ରା ଅବସରରେ ଭକ୍ତ ଶିରୋମଣି ଦାସଙ୍କ ଜନ୍ମ ଓ ସାଧନା ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ତ୍ରୟୋଦଶତମ ବାର୍ଷିକ ପ୍ରତିଷ୍ଠା ଦିବସ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଉକ୍ତ ଦାସିଆଙ୍କ ସ୍ମୃତି କମିଟି ଦ୍ୱାରା ଆୟୋଜିତ ହୋମ କର୍ମରେ ଅନୁଷ୍ଠାନର ସଦସ୍ୟ ପ୍ରଶାନ୍ତ ରାଉତରାୟ କର୍ତ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ଆଚାର୍ଯ୍ୟ ସତ୍ୟଜିତ ପାଢୀ ଓ ସହାଚାର୍ଯ୍ୟ ମାନସରାମ ମିଶ୍ର ହୋମକର୍ମ ସମ୍ପାଦନ କରିଥିଲେ। ପ୍ରତ୍ୟୁଷରୁ ପୀଠସ୍ଥ ମନ୍ଦିରର ଦେବଦେବୀଙ୍କ ଦୈନନ୍ଦିନ ନୀତିକ୍ରିୟା ମୁଖ୍ୟପୂଜକ ଲକ୍ଷ୍ମୀଧର ପାଢୀ ସମାପନ କରିବା ସହ ସ୍ୱତନ୍ତ୍ର ବେଶ ସହିତ ତାହିଆ ଲାଗି ପ୍ରଭୁଙ୍କ ବେଶ ସମାପନ ହୋଇଥିଲା। ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ସଂକୀର୍ତ୍ତନ କରିଥିଲେ। ସମ୍ପାଦକ ଡ.ଘନଶ୍ୟାମ ସ୍ୱାଇଁ କାର୍ଯ୍ୟ ପରିଚାଳନା କରିଥିଲେ।






ଶ୍ରୀମନ୍ଦିର ଅଭିମୁଖେ ବାହାରିଥିବା ରଥକୁ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସୁଦର୍ଶନଙ୍କ ପହଣ୍ଡି ବିଜେ ।



ରଥ ସମ୍ମୁଖରେ ନୃତ୍ୟଶିଳ୍ପୀମାନେ ନୃତ୍ୟକରି ଠାକୁରଙ୍କୁ ପ୍ରଣାମ ଜଣାଉଛନ୍ତି ।



ରଥଟଣା ପାଇଁ ପ୍ରସ୍ତୁତ ରଥ ଦଉଡ଼ି ଭିତରୁ ଶ୍ରୀ ବିଗ୍ରହଙ୍କ ରଥ ଦୃଶ୍ୟମାନ ।



ଗଜପତି ମହାରାଜା ଦିବ୍ୟସିଂହଦେବ ଲକ୍ଷ୍ମୀନାରାୟଣଙ୍କୁ ଭେଟ କରୁଛନ୍ତି ।



ମାଉସୀ ମା'ଙ୍କଠାରୁ ବାହାରିଥିବା ପୋଡ଼ପିଠା ।



ବର୍ଷା ହେବା ପରେ ଭାବବିହ୍ୱଳ ହୋଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳ ବଡ଼ଦାଣ୍ଡରେ ବସିଛନ୍ତି ।



ମହାପ୍ରଭୁଙ୍କ ପଲଙ୍କକୁ ସେବାୟତମାନେ ଗୁଣ୍ଡିଚା ଘରୁ ଶ୍ରୀମନ୍ଦିରକୁ ନେଉଛନ୍ତି ।



ମାଉସୀ ମା'ଙ୍କ ସ୍ୱାଗତକୁ ନେଇ ଶିଳ୍ପୀ ରାକେଶଙ୍କ ପ୍ରସ୍ତୁତ ଡିଜିଟାଲ ଚିତ୍ର ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୦୭।୨୦୨୧

୨୪୯ ଟଙ୍କା

## ଦାରୁ ବିଗ୍ରହ ଖାଇଲେ ମାଉସୀ ମା'ଙ୍କ ପୋଡ଼ପିଠା

**ପୁରୀ ଅଫିସ ୨୦।୭**

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନ ପ୍ରିୟ। ସେଥିପାଇଁ ତାଙ୍କ ଶ୍ରୀମନ୍ଦିରରେ ପ୍ରତ୍ୟହ ୬୦ ପଉଟି ଭୋଗ ମଣୋହି ହୋଇଥାଏ। ଏହି ୬୦ ପଉଟି ଏବଂ ୫୬ ଭୋଗ ମଧ୍ୟରେ ମହାପ୍ରଭୁଙ୍କ ନିକଟରେ ପ୍ରତ୍ୟହ ଲାଗି ହୋଇଥାଏ ବିଭିନ୍ନ ପ୍ରକାର ପିଠା। ଏହି ପିଠାଗୁଡ଼ିକ ମଧ୍ୟରେ ପୋଡ଼ପିଠା ମହାପ୍ରଭୁଙ୍କ ବେଶ୍ ପ୍ରିୟ। ସେଥିପାଇଁ ଭଉଣୀଭାଇଙ୍କୁ ନେଇ ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପମଣ୍ଡପରୁ ଶ୍ରୀମନ୍ଦିରକୁ ବାହୁଡିବା ବେଳେ ମାଉସୀ ମା'ଙ୍କ ହାତରୁ ପୋଡ଼ପିଠା ଖାଇଥାନ୍ତି। ମଙ୍ଗଳବାର ବାହୁଡା ଅବସରରେ ଶ୍ରୀମନ୍ଦିରକୁ ବାହୁଡିବା ବେଳେ ଦାରୁ ବିଗ୍ରହମାନେ ମାଉସୀ ମା' ବା ଅର୍ଦ୍ଧେଶ୍ୱଷଣୀଙ୍କ ମନ୍ଦିର ନିକଟରେ ରଥ ଅଟକି ଥିଲା। ଏହାପରେ ଦାରୁ ବିଗ୍ରହମାନଙ୍କୁ ମାଉସୀ ମା'ଙ୍କ ପକ୍ଷରୁ ପୋଡ଼ପିଠା ମଣୋହି କରାଯାଇଥିଲା। ପ୍ରଥମେ ତାଳଧ୍ୱଜ ରଥ ମାଉସୀ ମା'ଙ୍କ ମନ୍ଦିର ନିକଟରେ ଅଟକିବା ପରେ ବଡ଼ ଠାକୁର ବଳଭଦ୍ରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ପରେ ମା' ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ଏକ ଲାଗିମାଳ ଅଣାଯାଇ ମାଉସୀ ମା' ବା ଅର୍ଦ୍ଧଶ୍ୱଷଣୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ପୋଡ଼ପିଠା ମଣୋହି ହେବା ପରେ ମହାପ୍ରଭୁଙ୍କ ରଥ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା।

## ବର୍ଷାରେ ଝୁମିଲେ ସେବାୟତ

ବାହୁଡ଼ା ଯାତ୍ରାରେ ମହାପ୍ରଭୁ ଜନ୍ମ ବେଦୀରୁ ରତ୍ନବେଦୀକୁ ଯିବା ସମୟରେ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟକୁ ସେବାୟତମାନେ ମନୋଭରି ଉପଭୋଗ କରିଛନ୍ତି। ରଥଦାଣ୍ଡରେ ବସି ବର୍ଷାରେ କ୍ଳାନ୍ତି ମେଣ୍ଟାଇବା ସହ ବଡ଼ଦାଣ୍ଡରେ ଲୋଟି ଲୋଟି ମହାବାହୁଙ୍କୁ ସମର୍ପଣ ଜଣାଇଛନ୍ତି। ତିନି ରଥ ଶ୍ରୀମନ୍ଦିର ଛୁଇଁବା ପୂର୍ବରୁ ହଠାତ୍ ସୂର୍ଯ୍ୟଙ୍କ ପ୍ରକୋପ ଫିକା ପଡ଼ିଥିଲା ଓ ଧୀରେ ଧୀରେ ଘନେଇ ଆସିଥିଲା କଳାବାଦଲ। ଏହାପରେ ଆରମ୍ଭ ହୋଇଥିଲା ନିର୍ଦ୍ଧୁମ ବର୍ଷା। ରଥଟଣାର ସମସ୍ତ କଷ୍ଟ ଲାଘବ ପାଇଁ ବର୍ଷାରେ ବଡ଼ଦାଣ୍ଡ ଉପରେ ହିଁ ବସି ପଡ଼ିଥିଲେ ସେବାୟତମାନେ। ବଡ଼ଦାଣ୍ଡରେ ବସି ମହାପ୍ରଭୁଙ୍କ ଜଣାଣ ଗୀତଗୋବିନ୍ଦ ଗାନ କରିବା ସହ ରଥ ସମ୍ମୁଖରେ ଲମ୍ବ ହୋଇ ପଡ଼ି ରହିଥିଲେ। ମନର ସମସ୍ତ କଷ୍ଟ ଲାଘବ ପାଇଁ ସେବାୟତମାନେ ମହାପ୍ରଭୁଙ୍କୁ ନିଜ ଦୁଃଖ ଜଣାଇଥିଲେ। ବର୍ଷା ହେଉଥାଏ, ରଥଟଣା ଚାଲିଥାଏ। ଏଭଳି ପରିବେଶ ମଧ୍ୟରେ ଜୟ ଜଗନ୍ନାଥ ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇ ଉଠୁଥିଲା। ବର୍ଷାରେ ଭିଜିଭିଜି ଗୀତଗୋବିନ୍ଦ ଗାଉ ଗାଉ ସେବାୟତ ଲକ୍ଷ୍ମୀନାରାୟଣ ଗୋଛିକାର କହିଛନ୍ତି, ରଥଟଣାରେ କଷ୍ଟ ଥିବା ଭଳି କେବେ ହେଲେ ଅନୁଭବ କରିନାହିଁ। ମହାପ୍ରଭୁଙ୍କ ଇଚ୍ଛାରେ ରଥ ଗଡୁଛି। ଖରା କିମ୍ବା ବର୍ଷା କେହି ମହାପ୍ରଭୁଙ୍କ ବାହୁଡ଼ାଯାତ୍ରାରେ ବାଧା ହୋଇ ଠିଆ ହୋଇପାରିବେ ନାହିଁ। ସେ ଚାହିଁଲେ ବୋଲି ହିଁ ବର୍ଷା ହେଲା।

## ବଡ଼ଦାଣ୍ଡରେ ବସିଲେ କ୍ରିଷ୍ଣନ୍ କୁମାର

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.କ୍ରିଷ୍ଣନ କୁମାରଙ୍କର ମହାପ୍ରଭୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି ରହିଛି ଏ ନେଇ ପୂର୍ବରୁ ଅନେକଥର ଉଦାହରଣ ଦେଖିବାକୁ ମିଳିସାରିଛି। ଦିନେ ଶ୍ରୀମନ୍ଦିର ଭିତରେ ଗୀତଗୋବିନ୍ଦ ଗାନ କରି କାନ୍ଦି ପକାଇଥିଲେ ମୁଖ୍ୟ ପ୍ରଶାସକ। ଏବେ ବାହୁଡ଼ା ଯାତ୍ରା ଦିନ ମହାପ୍ରଭୁ ରଥ ରାଜନଅରରେ ପହଞ୍ଚିବା ସମୟରେ ଭୀଷଣ ଧରଣର ବର୍ଷା ହେଉଥିଲା। ଗଜପତି ମହାରାଜା ଓ ଦଉମହାପାତ୍ରମାନେ ଲକ୍ଷ୍ମୀନାରାୟଣଙ୍କ ଭେଟଘାଟ ପାଇଁ ପ୍ରସ୍ତୁତି ହେଉଥିଲେ। ସେ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର ଓ ଜିଲାପାଳ ସମର୍ଥ ବର୍ମା ବଡ଼ଦାଣ୍ଡ ଉପରେ ବସି ସେବାୟତମାନଙ୍କ ସହ କଥାବାର୍ତ୍ତା ହେଉଥିଲେ। ବର୍ଷାରେ ଭିଜିଭିଜି ଜଗନ୍ନାଥଙ୍କ ଭକ୍ତିରେ ଭାବବିହ୍ୱଳ ହୋଇ କ୍ରିଷ୍ଣନ୍ କୁମାର ହାତଯୋଡ଼ି ବଡ଼ଦାଣ୍ଡରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ।

## ପ୍ରଜାବିହୀନ ବଡ଼ଦାଣ୍ଡକୁ ଗଜପତିଙ୍କ ପ୍ରଣିପାତ

ଗଜପତି ଦିବ୍ୟସିଂହ ଦେବ ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ରଥରେ ଛେରାପହଁରା ନୀତି ସମ୍ପାଦନ କରିଛନ୍ତି। ପ୍ରଥମେ ବଳଭଦ୍ର, ଶ୍ରୀଜଗନ୍ନାଥ ଓ ସୁଭଦ୍ରାଙ୍କ ରଥରେ ଛେରାହପହଁରା ସାରି ରଥରୁ ଓହ୍ଲାଇବା ବେଳେ ପ୍ରଜାବିହୀନ ବଡ଼ଦାଣ୍ଡକୁ ପ୍ରଣାମ ଜଣାଇଛନ୍ତି। ପ୍ରଜାବତ୍ସଳ ରାଜା ଦିବ୍ୟସିଂହଦେବ ରଥରେ ମହାପ୍ରଭୁଙ୍କ ଭକ୍ତଙ୍କୁ ଓ ନିଜ ପ୍ରଜାଙ୍କୁ ପ୍ରଣାମ କରିବାର ପରମ୍ପରା କେଉଁ ଅନାଦି କାଳରୁ ଚାଲି ଆସିଛି। ମାତ୍ର ଜଣେ ରାଜା ଭାବେ ପ୍ରଜାଙ୍କ ଉଦ୍ଦେଶ୍ୟରେ ନିଃସ୍ୱାର୍ଥପର ମନୋଭାବକୁ ଜଣାଇବା ପାଇଁ ଏହି ପ୍ରମାଣ କରାଯାଉଥିବା ବରିଷ୍ଠ ସେବାୟତମାନେ କହିଛନ୍ତି। ମହାରାଜା ଦିବ୍ୟସିଂହ ଦେବ ରଥରୁ ଓହ୍ଲାଇବା ବେଳେ ଏଭଳି ପ୍ରଣାମ କରି ପ୍ରଜାଙ୍କ ପ୍ରତି ଥିବା ନଜ ଦାୟିତ୍ୱବୋଧର ସୂଚନା ଦେଇଥାନ୍ତି। କରୋନା ଯୋଗୁ ଏବେ ସିନା ବଡ଼ଦାଣ୍ଡ ଖାଁ ଖାଁ, ହେଲେ ମହାରାଜ ନିଜ ଅଭ୍ୟାସଗତ ବୃତ୍ତିରୁ କିମ୍ବା ଦାୟିତ୍ୱବୋଧରୁ ନିଜକୁ ବର୍ତ୍ତାଇନାହାନ୍ତି।

# ଗଜପତିଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣ ଭେଟ ସମ୍ପନ୍ନ

**ପୁରୀ ଅଫିସ,୨୦।୭**

ଆଷାଢ଼ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ନବଦିନାତ୍ମକ ଯାତ୍ରା ସାରି ଭଉଣୀ ଭାଇଙ୍କୁ ସାଥିରେ ଧରି ଜନ୍ମବେଦିରୁ ରତ୍ନବେଦିକୁ ମଙ୍ଗଳବାର ବାହୁଡୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେପଟେ ମହାପ୍ରଭୁଙ୍କ ରଥ ଶ୍ରୀନଅର ନିକଟତର ହେବାରୁ ଶ୍ରୀମନ୍ଦିର ଚାହାଣୀ ମଣ୍ଡପରେ ରହି ସ୍ୱାମୀ ଆସୁଥିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ଠାକୁରାଣୀ। ତେବେ ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ରଥରେ ପହଞ୍ଚି ସାରିଥାନ୍ତି ବଡ଼ଠାକୁର ବଳଭଦ୍ର ଏବଂ ମା' ସୁଭଦ୍ରା। ମହାଲକ୍ଷ୍ମୀ ଚାହାଣୀ ମଣ୍ଡପ ଆସିବା ଜାଣି ଠାକୁର ବଳଭଦ୍ର ତାଙ୍କ ତାଳଧ୍ୱଜ ରଥରେ ଘେର କନା ଦେଇଥିଲେ।

**ମହାପ୍ରଭୁଙ୍କ ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ**

ପରେ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ଭେଟ କରିବା ପାଇଁ ଘଣ୍ଟ, ଛତି ଓ କାହାଳୀ ସହ ସେବାୟତଙ୍କ ପଟୁଆରରେ ପାଲିଙ୍କିରେ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ। ସେପଟେ ମା'ଙ୍କ ଆଗମନ କଥା ଜାଣିପାରି ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଆସି ଶ୍ରୀନଅର ସମ୍ମୁଖରେ ଅଟକିଥିଲା। ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ଭେଟିବାକୁ ଆସୁଥିବା ଖବରପାଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ବାହାରକୁ ଆସି ମହାଲକ୍ଷ୍ମୀ(ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ମହାପ୍ରଭୁଙ୍କୁ ଭେଟ କରାଇଥିଲେ। ଏହାପରେ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ପାଲିଙ୍କି ସହ ଗଜପତି ରଥ ପରିକ୍ରମା କରିଥିଲେ। ଏହାପରେ ରଥ ବାମ ପାର୍ଶ୍ୱରେ ପାରମ୍ପରିକ ରୀତିରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା। ପରେ ମା' ମହାଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଏହାପରେ ପୁନର୍ବାର ସିଂହଦ୍ୱାର ଅଭିମୁଖେ ନନ୍ଦିଘୋଷ ରଥ ଗଡ଼ିଥିଲା। ତେବେ ବଡ଼ଦାଣ୍ଡରେ ଶ୍ରୀନଅର ସମ୍ମୁଖରେ ହେଉଥିବା ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ ବୋଲି କୁହାଯାଏ।

## ଆଜି ସୁନାବେଶ

**ପୁରୀ ଅଫିସ ୨୦।୭**

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ତିନି ରଥରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏହି ପବିତ୍ର ତିଥିରେ ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହମାନେ ମହଣ ମହଣ ସୁନାରେ ସଜେଇ ହେବେ। ହେଲେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ କରୋନା କଟକଣା ପାଇଁ ଭକ୍ତମାନେ ପ୍ରତ୍ୟକ୍ଷ ଭାବେ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନରୁ ବଞ୍ଚିତ ହେବେ। ମହାପ୍ରଭୁଙ୍କ ମଇଲମ ଓ ମେକାପ ସର୍ବାଙ୍ଗ ନୀତି ବଢ଼ିବା ପରେ ଠାକୁରଙ୍କ ସୁନାବେଶ ନୀତି ଆରମ୍ଭ ହେବ। ଅପରାହ୍ନ ୪ଟାଠାରୁ ସାଢେ ୫ଟା ୩୦ ମଧ୍ୟରେ ମହାପ୍ରଭୁଙ୍କ ସୁନା ବେଶ ବଢ଼ିବା ଲାଗି ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ତିନିଠାକୁର ହସ୍ତ, ପାଦ, ସହିତ କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନ କିରଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି, କାନ୍ତ ଓ କଟି ମେଖଳା ଆଦି ବହୁବିଧ ରତ୍ନଅଳଙ୍କାରରେ ସଜେଇ ହେବେ।

# ବାହୁଡ଼ାଯାତ୍ରାରେ ବି ଅବ୍ୟବସ୍ଥା

**ପୁରୀ ଅଫିସ,୨୦।୭**

ରଥଯାତ୍ରା ଭଳି ବାହୁଡ଼ା ଯାତ୍ରାରେ ମଧ ବିଭିନ୍ନ କ୍ଷେତ୍ରରେ ଅବ୍ୟବସ୍ଥା ହୋଇଥିବା ପରିଲକ୍ଷିତ ହୋଇଛି। ଭିଡ଼ ସମୟର ଫାଇଦା ଉଠାଇ ଅନେକ ଗଣମାଧ୍ୟମ ସଂସ୍ଥାର ପରିଚୟପତ୍ର ନାଁରେ ପ୍ରତିନିଧି ନକଲି ପାସ୍ କରି ଅନାଧିକାର ପ୍ରବେଶ କରିଛନ୍ତି। ସେହିଭଳି ଜଣେ ଅଣସେବାୟତଙ୍କୁ ମଧ ଦେଖିବାକୁ ମିଳିଛି। ପୋଲିସର କଡ଼ା ସୁରକ୍ଷାକୁ ଭେଦ କରି ସମ୍ପୃକ୍ତ ଅଣସେବାୟତ ଓ ନକଲି ଗଣମାଧ୍ୟମ ପ୍ରତିନିଧି କିଭଳି ଭାବେ ଆସି ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ପ୍ରାୟ ୧୦ଜଣ ଗଣମାଧ୍ୟମ ପ୍ରତିନିଧି ନକଲି ପାସ୍ ତିଆରି କରି ଶ୍ରୀଗୁଣ୍ଡିଚା ପାଖରେ ପହଞ୍ଚିଥିଲେ। ତେବେ ପୋଲିସ ଏମାନଙ୍କୁ ଠାବ କରି ବଡ଼ଦାଣ୍ଡ ବାହାରୁ ଛାଡ଼ିଥିବା ବେଳେ ସେମାନେ ରଖିଥିବା



ନକଲି ପାସ୍‌ଧାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସ ନେଉଛନ୍ତି ।

- ଧରାପଡ଼ିଲେ ନକଲି ପାସ୍‌ଧାରୀ
- ଛାତ, ବାଲ୍‌କୋନିରୁ ଦେଖିଲେ ଶ୍ରଦ୍ଧାଳୁ

ନକଲି ପାସକୁ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତିମାନଙ୍କଠାରୁ ଅଣ୍ଡରଟେକିଂ ରଖାଯାଇ ଛଡ଼ାଯାଇଛି। ନକଲି ପାସ୍‌ଧାରୀଙ୍କ ତାଲିକା ପୋଲିସ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ଦିଆଯାଇଛି। ସମ୍ପୃକ୍ତ ସଂସ୍ଥା ନାମରେ ପାସ୍ ଇସ୍ୟୁ ହୋଇଛି କି ନାହିଁ ତାହା ଜାଣିବା ପାଇଁ ଏଭଳି କରାଯାଇଥିବା ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ତେବେ ନକଲି ପାସ୍‌ଧାରୀ ରଥ ନିକଟବର୍ତ୍ତୀ ଅଞ୍ଚଳରେ ବୁଲୁଥିଲେ। ତାଙ୍କୁ ଅଟକ ରଖାଯାଇ ପାସ୍ ଯାଞ୍ଚ କରିବାରୁ ପ୍ରଶାସନ ଜାରି କରିଥିବା ପାସ୍‌ଠାରୁ ସମ୍ପୃକ୍ତ ପାସ୍ ଭିନ୍ନ ହୋଇଥିବା ବେଳେ ପ୍ରେସ୍ ଭଲ୍ୟୁଣ୍ଟର ବୋଲି ଲେଖାଯାଇଛି। ସେହିଭଳି ଷ୍ଟେଟ୍ ନ୍ୟୁଜ୍ ଓଡ଼ିଶା ଓ କଳା ଓଡ଼ିଶା ନାମରେ ପରିଚୟପତ୍ର ଧରି ଏହି ନକଲି ଖବରଦାତା ବୁଲୁଥିବାର ଦେଖିବାକୁ ମିଳିଥିଲା। ସରୋଜ ବିଶ୍ୱାଳ, ବିଷ୍ଣୁଚରଣ ବେହେରା ଓ ନୃସିଂହ ନାମରେ ୩ଜଣ ବ୍ୟକ୍ତିଙ୍କୁ ପୋଲିସ ଚିହ୍ନଟ କରିଛି। ଅନ୍ୟପକ୍ଷେ ସାଧାରଣ ଲୋକେ ପୁଣିଥରେ କଟକଣା ଭାଙ୍ଗି ଛାତ ଓ ବାଲକୋନି ଉପରକୁ ଆସି ବାହୁଡ଼ା ଯାତ୍ରା ଦେଖିଛନ୍ତି। ଏହାବ୍ୟତୀତ ଜଣେ ଅଣସେବାୟତଙ୍କ ପ୍ରବେଶକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ତାଙ୍କ ପରିଚୟ ମିଳିପାରି ନାହିଁ। ଏଭଳି କୌଣସି ବ୍ୟକ୍ତିଙ୍କୁ ପୋଲିସ ଠାବ କରି ନ ଥିବା କହୁଥିବା ବେଳେ ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ଥିବା ବ୍ୟକ୍ତିମାନେ ତାଙ୍କୁ ଦେଖିଛନ୍ତି। ତାଙ୍କୁ ବାରମ୍ବାର ରୋକାଯିବାରୁ ସେ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ପୋଲିସ ଏଭଳି ୫ରୁ ୧୦ ଜଣ ବ୍ୟକ୍ତିଙ୍କୁ ମଧ ଠାବ କରିଛି ଯେଉଁମାନଙ୍କ ପାଖରେ ପାସ୍ ଥିଲେ ମଧ ରଥ ବ୍ୟାରିକେଡ୍ ମଧ୍ୟକୁ ଯିବାକୁ ଅନୁମତି ନ ଥିଲା। ସାଧାରଣତଃ ସେବାୟତମାନଙ୍କୁ କାମରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ତେବେ ସମ୍ପୃକ୍ତ ବ୍ୟକ୍ତିମାନେ ରଥ ପାଖରେ ବୁଲୁଥିବାର ଦେଖାଯିବାରୁ ପୋଲିସ ସେମାନଙ୍କୁ ରଥ ବ୍ୟାରିକେଡ୍ ବାହାରକୁ କାଢ଼ି ଥିବା ନେଇ ସିଟି ଡିଏସପି ସୂଚନା ଦେଇଛନ୍ତି।